ଧରିତ୍ରୀ
DHARITRI
February 26- March 4, 2023 ₹ 2/-



୩
ପ୍ରଚ୍ଛଦ ପ୍ରସଙ୍ଗ

# ଓଡ଼ିଶାରେ ଷ୍ଟ୍ରବେରି

ଦିନେ ଓଡ଼ିଶା ପାଇଁ ଷ୍ଟ୍ରବେରି ଥିଲା ଏକ ବିଦେଶୀ ଫଳ। କିନ୍ତୁ ଏବେ ଏହା ଆଉ ବିଦେଶୀ ହୋଇ ନାହିଁ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଫଳିଲାଣି ଷ୍ଟ୍ରବେରି। ଆଉ ଚାଷୀମାନେ ଏହାକୁ ନେଇ ସ୍ୱପ୍ନ ଦେଖିବା ଆରମ୍ଭ କଲେଣି...

# ବାସ୍ତୁରେ ଆକ୍ୱାରିୟମ୍

**ଘରେ ଆକ୍ୱାରିୟମ୍ ରଖିଲେ କେବଳ ଘରର ସୌନ୍ଦର୍ଯ୍ୟ ବଢିଥାଏ ତାହା ନୁହେଁ ; ଏହାଦ୍ୱାରା ଐଶ୍ୱର୍ଯ୍ୟ ମଧ୍ୟ ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି । ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ଆକ୍ୱାରିୟମ୍ ରଖିବାକୁ ନେଇ କ'ଣ ସବୁ ନିୟମ ରହିଛି ଜାଣନ୍ତୁ ସେ ସମ୍ପର୍କରେ...**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଡ୍ରଇଂ ରୁମ୍‌ର ଦକ୍ଷିଣ-ପୂର୍ବ ଦିଗରେ ଆକ୍ୱାରିୟମ୍ ରଖିବା ଶୁଭ । ଏହାଦ୍ୱାରା ଆର୍ଥିକ ଅଭିବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି ।
* ଆକ୍ୱାରିୟମ୍‌କୁ କେବେ ବି ଡ୍ରଇଂ ରୁମ୍‌ର ମଝିରେ ରଖିବେ ନାହିଁ । ଏହାଦ୍ୱାରା ଅର୍ଥ ବଢିବା ପରିବର୍ତ୍ତେ ଖର୍ଚ୍ଚ ଅଧିକ ହୋଇଥାଏ ।
* ଆକ୍ୱାରିୟମ୍‌କୁ ବେଡ୍‌ରୁମ୍‌ରେ ରଖିବା ବି ଠିକ୍ ନୁହେଁ । ଏହାଦ୍ୱାରା ଦୁଃସ୍ୱପ୍ନ ଆସିଥାଏ ବୋଲି ବିଶ୍ୱାସ ରହିଛି ।
* ଆକ୍ୱାରିୟମ୍‌ରେ ସର୍ବଦା ୯ଟି ମାଛ ରଖିବା ଶୁଭ ହୋଇଥାଏ । ଆଉ ସେହି ୯ଟି ମାଛ ମଧ୍ୟରୁ ୮ଟି ଗୋଲ୍ଡ ଫିଶ୍ ଓ ଗୋଟିଏ



କଳା ମାଛ ରହିବା ଅତି ଉତ୍ତମ ।
* ଗୋଲ୍ଡ ଫିଶ୍‌କୁ ଧନର ପ୍ରତୀକ ବୋଲି କୁହାଯାଏ । ଅନ୍ୟପକ୍ଷେ କଳାମାଛ ସୁରକ୍ଷାର ପ୍ରତୀକ ଭାବେ ଘରକୁ ପ୍ରବେଶ କରୁଥିବା ନକରାତ୍ମକ ଉର୍ଜାକୁ ନିଜ ଉପରକୁ ନେଇ ଘରେ ସକାରାତ୍ମକ ପ୍ରଭାବ ବଢାଇବାକୁ ଚେଷ୍ଟା କରିଥାଏ ।
* ଯଦି କେବେ ଆକ୍ୱାରିୟମ୍‌ରେ କଳାମାଛଟିକୁ ହଠାତ୍ ମରିଥିବାର ଦେଖନ୍ତି, ତା'ହେଲେ ଘର ମଧ୍ୟକୁ କିଛି ଖରାପ ଶକ୍ତି ପ୍ରବେଶ କରିଛି ବୋଲି ଜାଣିବେ ।
* ସଙ୍ଗେସଙ୍ଗେ ଆଉ ଗୋଟିଏ ଜିଅନ୍ତା କଳାମାଛ ଆଣି ଆକ୍ୱାରିୟମ୍‌ରେ ରଖିଦେବେ ଏବଂ ମୃତ ମାଛଟିକୁ ଏଣେତେଣେ ନ ଫୋପାଡି ଚଳନ୍ତା ପାଣିରେ ଭସାଇଦେବେ ନଚେତ୍ ମାଟିଖୋଳି ପୋତିଦେବେ ।
* ଯଦି ଗୋଲ୍ଡ ଫିଶ୍ ବି ମରିଯାଏ, ତା'ହେଲେ ପୁଣି ନୂଆ ଗୋଲ୍ଡ ଫିଶ୍ ଆଣି ରଖିଦେବେ ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୨୬-ମାର୍ଚ୍ଚ ୪

**ମେଷ**
ନୂତନ ଯୋଜନାରମ୍ଭ, କାର୍ଯ୍ୟଶୈଳୀରେ ପରିବର୍ତ୍ତନ, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ନିଷ୍ପତି ନେବାରେ ଦ୍ୱନ୍ଦ୍ୱ, ଶାରୀରିକ ଅସୁସ୍ଥତାରୁ ଦୁଃଶ୍ଚିନ୍ତା, ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନୀ, ପାରିବାରିକ ସୌହାର୍ଦ୍ଦ୍ୟ, ବନ୍ଧୁମିଳନ ॥

**ବୃଷ**
କର୍ମକ୍ଷେତ୍ରରେ ବିବାଦ, କ୍ରନିକ୍ ରୋଗରେ ପୀଡା, ଆର୍ଥିକ ଦୂରାବସ୍ଥା, ନୂତନବନ୍ଧୁ ସମ୍ପର୍କ, ଯାତ୍ରାରେ ସମସ୍ୟା, ସୌଖୀନ ଦ୍ରବ୍ୟ କ୍ରୟ, ପଡୋଶୀ ଭୁଲ୍ ବୁଝିବେ, ବ୍ୟବସାୟରେ କ୍ଷତି, ଆନୁଷ୍ଠାନିକ ପ୍ରଶଂସା, ସାମାଜିକ ସମ୍ମାନ, ବ୍ୟୟବୃଦ୍ଧିରୁ ଅନୁଶୋଚନା ॥

**ମିଥୁନ**
ଯାତ୍ରାରେ ଲକ୍ଷ୍ୟପୂରଣ, ଉଚ୍ଚ କର୍ତ୍ତୃପକ୍ଷଙ୍କ ପରାମର୍ଶ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ସମ୍ପର୍କ ଯୋଡିପାରନ୍ତି, ଭ୍ରମଣ ହେତୁକ ମନସ୍ତାପ, କର୍ମକ୍ଷେତ୍ରରେ ଆଶାବାଦୀ ହେବେ, କଳାସାହିତ୍ୟରେ ଉନ୍ନତି ।।

**କର୍କଟ**
ଶାରୀରିକ ଅସୁସ୍ଥତା, ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନୀ, ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ । କାମଟି ବିଳମ୍ବରେ ହେବ, ସହକର୍ମୀଙ୍କ ସହଯୋଗ ମିଳିନପାରେ, କଚେରୀ ମାମଲାରେ ବିଜୟ ।

**ସିଂହ**
ବନ୍ଧୁ ମିଳନ, କର୍ମକ୍ଷେତ୍ରରେ ସମସ୍ୟା, ପାରିବାରିକ ମତାନ୍ତର, ବୁଝାମଣା ନେଇ ତିକ୍ତତା, ଶ୍ରମଜନିତ କ୍ଳାନ୍ତିବୋଧ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ସ୍ୱାସ୍ଥ୍ୟରେ ଉନ୍ନତି, ବୁଝାମଣାରେ ତ୍ରୁଟି ରହିଯିବ ।

**କନ୍ୟା**
ବନ୍ଧୁଙ୍କ କାର୍ଯ୍ୟରେ ସନ୍ଦେହଭାବ, ନିଜର ଲୋକଙ୍କୁ ଭୁଲ୍ ବୁଝିପାରନ୍ତି, ଟେନସନ୍ ବଢିବ । ତିର୍ଥାଟନ କଥା ଚିନ୍ତା କରିପାରନ୍ତି, ବାହାଘର ଆମୋଦ ପ୍ରମୋଦର ମଉକା, ନୂତନ ମିତ୍ରତା ସୃଷ୍ଟି କରିବେ, ଆନୁଷ୍ଠାନିକ କାମରୁ ପ୍ରଶଂସା ॥

**ତୁଳା**
ଦୂରଯାତ୍ରା କରିବାକୁ ପଡିପାରେ, ଅନିଦ୍ରା ଜନିତ କ୍ଳେଶ ଭୋଗିବେ । ପାରିବାରିକ ସମସ୍ୟା ସୁଧୁରିଯିବ, ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି, ଲକ୍ଷ୍ୟ ହାସଲ କରିବେ, ଅର୍ଥର ଆବଶ୍ୟକତା ପଡିପାରେ, ସାମ୍ବାଦିକତାରେ ଗୌରବ ବୃଦ୍ଧି ॥

**ବିଛା**
ଅତୀତର ଅନୁଚିନ୍ତା, ବନ୍ଧୁଙ୍କ ଅନୁପସ୍ଥିତିରୁ ଦୁଃଖ, ଘରୋଇ କଳହରୁ ଅଶାନ୍ତି, ବନ୍ଧୁ ସହଯୋଗରେ ଅର୍ଥଲାଭ, କାମଟି ବିଳମ୍ବ, ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ, ଅପ୍ରିୟ ସତ୍ୟ ଭାଷଣରୁ ଦ୍ୱନ୍ଦ୍ୱ, ଯାନ୍ତ୍ରିକ ତ୍ରୁଟି, ଯାତ୍ରାସ୍ଥଗିତ ରହିପାରେ ॥

**ଧନୁ**
ସୁସ୍ଥତା ବ୍ୟାହତ ହୋଇପାରେ, ପ୍ରତୀକ୍ଷାର ଅନ୍ତ ଘଟିବ, ସମ୍ପର୍କ ବୃଦ୍ଧି ପାଇବ, ପାରିଶ୍ରମିକ ମନ ଲାଖି ହେବ ନାହିଁ । ପୁରାତନ ରୋଗରେ ପୀଡା ଅନୁଭବ, ସନ୍ତାନଙ୍କ ବିଶୃଙ୍ଖଳା, ଶତ୍ରୁତାରୁ କାର୍ଯ୍ୟହାନୀ, ଧର୍ମକାର୍ଯ୍ୟରେ ବିଘ୍ନ, ସଭାସମିତିରୁ ପ୍ରଶଂସା ॥

**ମକର**
ଟେନ୍‌ସନ କମିଯିବ, ବନ୍ଧୁଟି ଭୁଲ୍ ବୁଝିବେ, ଦୂରସ୍ଥାନକୁ ଯାତ୍ରା, ଅପବ୍ୟୟ ସୀମା ଟପିବ, ସ୍ୱାସ୍ଥ୍ୟରେ ସମସ୍ୟା, ଅର୍ଥ ଓ ସମ୍ମାନ ପାଇବେ, ଗୃହ ବିବାଦ ଲାଗିପାରେ । ସାମାଜିକ ସମ୍ମାନ, କଳାସାହିତ୍ୟରେ ଉନ୍ନତି, ନୂତନ ନିଯୁକ୍ତି ପାଇପାରନ୍ତି ।

**କୁମ୍ଭ**
କାର୍ଯ୍ୟହାନୀରୁ ମନସ୍ତାପ, ବ୍ୟବସାୟରେ ଉନ୍ନତି, ଯାତ୍ରାରେ ସଫଳତା, ବ୍ୟୟ ସଂକୁଚିତ ହେବ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ, ଭ୍ରମଣ ସୁଯୋଗ ପାଇବେ, ନୀଚ୍ଚଜନ ସହ ବିବାଦ, ସରକାରୀ ସହୟତାପ୍ରାପ୍ତି ॥

**ମୀନ**
ଆନୁଷ୍ଠାନିକ କାମରୁ ପ୍ରଶଂସା, ଯାତ୍ରାରେ ସଫଳତା, ଆତ୍ମୀୟମାନେ ଦୁରେଇ ଯିବେ, ଯୋଜନା କାର୍ଯ୍ୟକାରୀ ହେବ, ବନ୍ଧୁଙ୍କ ପ୍ରେରଣା, ଆଶଙ୍କା ଦୂର ହୋଇଯିବ, ବନ୍ଧୁଙ୍କ ନିମନ୍ତ୍ରଣ ଆସିପାରେ, ଆରୋଗ୍ୟଲାଭରୁ ଖୁସୀ ॥

# ଖରାଦିନେ ଆଲୋଭେରା

ଆଲୋଭେରାରେ ଭରି ରହିଛି ଅନେକ ଔଷଧୀୟ ଗୁଣ ; ଯାହାକୁ ବ୍ୟବହାର କରି ଖରାଦିନେ ଅନେକ ସମସ୍ୟାରୁ ମୁକ୍ତି ପାଇହେବ । ଯେମିତିକି: ଖରାଦିନେ ସୂର୍ଯ୍ୟଙ୍କ ପ୍ରଖର କିରଣ ଯୋଗୁ ଝାଳ ବୋହି ତ୍ୱଚା ଝାଉଁଳିଗଲା ପରି ଲାଗିଥାଏ । ସେଥିପାଇଁ ଖରାରେ ବାହାରକୁ ବାହାରିବା ପୂର୍ବରୁ ତ୍ୱଚାରେ ଆଲୋଭେରା ଜେଲ୍ ଲଗାଇପାରିବେ । କାରଣ ଆଲୋଭେରା ଜେଲ୍ ତ୍ୱଚାକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରିଥାଏ । ଝାଳ ଯୋଗୁ ଅନେକଙ୍କର ଖରାଦିନେ ତ୍ୱଚା କୁଣ୍ଡାଇ ମଧ୍ୟ ହୋଇଥାଏ । ଏଥିପାଇଁ ବି ତ୍ୱଚାରେ ଆଲୋଭେରା ଜେଲ୍ ଲଗାଇବା ସର୍ବୋତ୍ତମ ହୋଇଥାଏ । ଆପଣ ଚାହିଁଲେ ଆଲୋଭେରା ଜେଲ୍ ପରିବର୍ତ୍ତେ ସିଧାସଳଖ ଆଲୋଭେରା ଡାଳ ଖଣ୍ଡେ ଆଣି ସେଥିରୁ ରସ ବାହାର କରି ତ୍ୱଚାରେ ମଧ୍ୟ ଲଗାଇପାରିବେ ।



ଏହା ନାଚୁରାଲ୍ ମଇଶ୍ଚରାଇଜର୍ ର କାମ ଦେଇଥାଏ । ଆଲୋଭେରାକୁ କେବଳ ତ୍ୱଚାରେ ଲଗାଇବେ ତାହା ନୁହେଁ, ଏହାର ଜୁସ୍‌କୁ ବି ସେବନ କରି ଖରାଦିନେ ପେଟକୁ ଥଣ୍ଡା ରଖିବା ସହିତ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିପାରିବେ । କାରଣ ଏଥିରେ ଭରି ରହିଛି ଭିଟାମିନ୍ ଏ, ସି, ଇ, ଭିଟାମିନ୍-ବି ୧୨, ଫଲିକ୍ ଏସିଡ୍, କୋଲାଇନ୍ ପରି ଅନେକ ଗୁଣକାରୀ ତତ୍ତ୍ୱ ।

# ପାଠକୀୟ

➤ ପ୍ରେମ ଶାଶ୍ୱତ ଓ ସୁନ୍ଦର । ଏହା କେବେ, କେତେବେଳେ, କାହା ସହିତ ବି ହୋଇପାରେ । ଆଉ ଥରେ ମନରେ ମନ ମିଶିଗଲେ ନା ସମାଜ, ନା ପରିବାର କେହି କରିପାରନ୍ତିନି ଅଲଗା । ଏମିତିକି ଭଗବାନଙ୍କ ସହ ବି ଲଢି ହେଇଯାଏ ପ୍ରେମରେ । ତେଣୁ ସେମିତି କିଛି ଚର୍ଚ୍ଚିତ ପ୍ରେମ କାହାଣୀକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା । 'ହସଖୁସିର ପରିବାର ପାଇଁ', 'ବଢାନ୍ତୁ ଆତ୍ମବିଶ୍ୱାସ' ଆଦି ପାଠରୁ ଅନେକ ନୂଆ କଥା ଜାଣିହେଲା ।

*– ଅବିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ, ପୁରୀ-୨*

➤ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରେ ଉପସ୍ଥାପନା କରାଯାଇଥିବା 'ଚର୍ଚ୍ଚିତ ପ୍ରେମ କାହାଣୀ' ଶୀର୍ଷକ ଆଲେଖ୍ୟଟି ଏକ ଭିନ୍ନ ସ୍ୱାଦର ଲେଖା ଥିଲା । ସେଲିବ୍ରିଟି ସିକ୍ରେଟ୍ ପୃଷ୍ଠାରୁ ଆଙ୍କର୍ ତଥା ଅଭିନେତା ଅଶ୍ୱିନ ତ୍ରିପାଠୀଙ୍କ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ବ୍ୟକ୍ତିତ୍ୱ ପୃଷ୍ଠାରୁ ବି ସୁଶାନ୍ତ-ଦୀପ୍ତିମିତାଙ୍କ ଅପୂର୍ବ ପ୍ରେମକାହାଣୀ ବିଷୟରେ ଜାଣିହେଲା ।

*– ଦୈତାରୀ ମିଶ୍ର, ବୋମିଖାଲ, ଭୁବନେଶ୍ୱର*

➤ସୃଜନ ପୃଷ୍ଠାରେ ସ୍ଥାନିତ 'ମିଛ' ଶୀର୍ଷକ ଗପଟି ଯେତିକି ମନଛୁଆଁ ହୋଇଥିଲା ସେମିତି 'ଦିଗ୍‌ବଳୟ' ଓ 'ତୁମା' ଶୀର୍ଷକ କବିତା ଦୁଇଟି ବି ବେଶ୍ ହୃଦୟସ୍ପର୍ଶୀ ଥିଲା । ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ କ୍ରିତି ସାନନ୍‌ଙ୍କ ଫଟୋଟି ବେଶ୍ ଆକର୍ଷଣୀୟ ଦେଖାଯାଉଥିଲା । ଏପରିକି ମିଶନ୍ ଟାଇଟଲ୍, ହ୍ରିତିକ ହିଁ ବେଷ୍ଟ, ସ୍ୱାଏ ଥ୍ରୀଲର୍‌ରେ ସାମନ୍ଥା ଆଦି ପାଠଗୁଡ଼ିକ ଉପସ୍ଥାପନା ଶୈଳୀ ବି ବେଶ୍ ମଜାଦାର୍ ହୋଇଥିଲା ।

*–ରାକେଶ ପ୍ରଧାନ, ରାଣୀହାଟ, କଟକ*

➤ଲେଖିକା ନିବେଦିତା ନନ୍ଦଙ୍କ ପ୍ରଥମ ରୋଜଗାରର ଅନୁଭୂତି ବେଶ୍ ମନଛୁଆଁ ଲାଗୁଥିଲା । ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ଥିଲା । ଯାତ୍ରା ଯୋଡ଼ି ବୈକୁଣ୍ଠ-ବାସନ୍ତୀଙ୍କ କାହାଣୀ ଏଥରର ଛୁଟିଦିନରେ ପଢି ବେଶ୍ ଖୁସି ଲାଗିଲା । ମଡେଲ୍ ମିରର୍‌ରେ ଦେବଯାନୀ ଖୁବ୍ ସୁନ୍ଦର ଦେଖାଯାଉଥିଲେ । ସହର ପୃଷ୍ଠାରୁ ନୀଳକଣ୍ଠ ମହାଦେବ ମନ୍ଦିର ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା ।

*–ପ୍ରମୋଦ କାଣ୍ଡି, କୋରାପୁଟ*

➤ବିବିଧ ପୃଷ୍ଠାରେ ସ୍ଥାନିତ 'ଟେଡି ବିୟରର କଥା' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପ୍ରେମ ପାଇଁ ନଦୀ ପାର୍ ହେଲେ ପ୍ରେମିକା', '୬୫୫ କୋଟିର ମାଲିକ ଏଇ କୁକୁର', 'କେକ୍ ୱେଡିଂ ଡ୍ରେସ୍' ଆଦି ପାଠଗୁଡ଼ିକ ଯେତିକି ତଥ୍ୟପୂର୍ଣ୍ଣ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା । ଅନ୍ୟପକ୍ଷେ ଏଥରର ବ୍ୟଙ୍ଗ 'ପ୍ୟାର୍ ତୁନେ କ୍ୟା କିୟା' ଶୀର୍ଷକ ଲେଖାଟି ମଧ୍ୟ ବେଶ୍ ମନଛୁଆଁ ହୋଇଥିଲା ।

*–ଆୟୁଷ ଦାଶ, ଆଳି, କେନ୍ଦ୍ରାପଡ଼ା*

## ବିଶେଷ ଚିଠି



ଏଥରର ପ୍ରଚ୍ଛଦରେ ଥିଲା
ଚର୍ଚ୍ଚିତ ପ୍ରେମ କାହାଣୀ,
ପଢୁଥିଲେ ଯିଏ ଏହାକୁ
ତାଙ୍କ ମନ ହୋଇଯାଉଥିଲା କିଣି ।
ସହରରୁ ଦୂର ସାଙ୍ଗକୁ
ତୁମ ସିନେମାର କଥା,
ସାଥୀର ଉତ୍ତର ପୁଣି
ଘୁରାଇ ଦେଉଥିଲା ମଥା ।
ସେଥିପାଇଁ ଛୁଟିଦିନ କରେ ନିବେଦନ
ଆସୁଥାଅ ଏହିପରି ତୁମେ ପ୍ରତିଦିନ ।

*–ପ୍ରିୟଙ୍କା ସାହୁ, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଓଡ଼ିଶାରେ ଷ୍ଟ୍ରବେରି



ଜଳବାୟୁ ଓ ଜମିର ଉର୍ବରତାକୁ ନେଇ ସାଧାରଣତଃ ଚାଷ କରାଯାଇଥାଏ। ସେଇଥିପାଇଁ ସବୁ ସ୍ଥାନରେ ସବୁ ଚାଷ ହୋଇପାରେନା। କିଛି ଚାଷ ସେଇ ସ୍ଥାନକୁ ନେଇ ପ୍ରସିଦ୍ଧ। ଏହି ପ୍ରସଙ୍ଗରେ ଦେଖିବାକୁ ଗଲେ ଏମିତି ଅନେକ ଫଳ ବା ପରିବା ଅଛି ଯାହା ଓଡ଼ିଶାର ଜଳବାୟୁରେ ଆଗରୁ ଚାଷ ହୋଇପାରୁ ନ ଥିଲା। ବା କରାଯାଉ ନ ଥିଲା। କିନ୍ତୁ ଏବେ ସମୟ ବଦଳି ଯାଇଛି। ଆମେ ବାହାରୁ ଆମଦାନୀ କରୁଥିବା ଅନେକ ବିଦେଶୀ ଫଳ ଏବେ ଓଡ଼ିଶାରେ ଚାଷ ହୋଇପାରୁଛି। ଅବଶ୍ୟ ଏଥିପାଇଁ ବିଭିନ୍ନ ନୂତନ ପ୍ରଣାଳୀର ସାହାଯ୍ୟ ନେବାକୁ ପଡୁଛି। ଏହିକ୍ରମରେ ଏକ ବିଦେଶୀ ଫଳରେ ଷ୍ଟ୍ରବେରୀର ନାଁ ଆସେ। ଯାହାକୁ ଏବେ ଓଡ଼ିଶାର କେତୋଟି ଜିଲାର ଚାଷୀ ନିଜ ଚାଷରେ ସାମିଲ କରିବା ସହ ବେଶ୍ ଅର୍ଥ ଉପାର୍ଜନ କରିପାରୁଛନ୍ତି।

**ମହିଳା ଗୋଷ୍ଠୀଙ୍କ ଷ୍ଟ୍ରବେରି ଚାଷ:** ଦିନଥିଲା, କନ୍ଧମାଳ ଜିଲାର କୃଷି କହିଲେ କେବଳ ହଳଦୀ ଓ ଧାନଚାଷରେ ଚାଷୀ ସୀମିତ ଥିଲା। କିଛି ଲୋକ ପାହାଡ଼ିଆ ଅଞ୍ଚଳରେ ବିଭିନ୍ନ ପନିପରିବା ଚାଷ ବି କରିଥା'ନ୍ତି। ତେବେ ଏହି ଜିଲାର ଅନୁକୂଳ ଜଳବାୟୁ ଯୋଗୁ ପ୍ରଥମ ଥର ପାଇଁ ଜିଲା ପ୍ରଶାସନ ସହଯୋଗରେ ପରୀକ୍ଷାମୂଳକ ଭାବେ ରାଇକିଆ ବ୍ଲକ୍‌ର ବରେପଙ୍ଗା ଗ୍ରାମର ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଷ୍ଟ୍ରବେରି ଚାଷ କଲେ। ଏଥିରେ ଜଳବିଭାଜିକା ତରଫରୁ ପ୍ରଥମେ ଜମିକୁ ଚାଷୋପଯୋଗୀ କରାଯାଇଥିଲା। ଉଦ୍ୟାନ ବିଭାଗ ତରଫରୁ ମହାରାଷ୍ଟ୍ରରୁ ପ୍ରାୟ ୨୦ ହଜାର ଷ୍ଟ୍ରବେରି ଚାରା ଆଣି ଯୋଗାଇ ଦିଆଯାଇଥିଲା। ଓଡ଼ିଶା ଜୀବିକା ମିଶନ ତରଫରୁ ଚାଷ ଉପକରଣ ସମେତ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯାଇଥିଲା। ଚାଷ କରାଯିବାର ତିନିମାସ ମଧ୍ୟରେ ଷ୍ଟ୍ରବେରି ଫଳିବା ଆରମ୍ଭ ହୋଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମଣ୍ଡସରୁ ଇକୋ ଟ୍ୟୁରିଜିମ୍ ଆଦି ସ୍ଥାନରେ ଷ୍ଟ୍ରବେରି କିଲୋ ପ୍ରତି ୫୦୦ ରୁ ୬୦୦ ଟଙ୍କାରେ ବିକ୍ରି କରିଥିଲେ। ଗୋଟିଏ ମାସରେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଷ୍ଟ୍ରବେରି ବିକ୍ରି ହୋଇଥିଲା। ଗତ ଜାନୁୟାରୀ ଶେଷ ସପ୍ତାହରେ ଫୁଲବାଣୀଠାରେ ଅନୁଷ୍ଠିତ କନ୍ଧମାଳ ମହୋତ୍ସବରେ ବି ଷ୍ଟ୍ରବେରି ବିକ୍ରି କରାଯାଇଥିଲା। ଏହି ଚାଷ ଦେଖିବାକୁ ଦୈନିକ ବହୁ ସଂଖ୍ୟାରେ ଲୋକେ ଆସନ୍ତି। ରାଇକିଆ ବ୍ଲକ୍‌ର ଓଡ଼ିଶା ଜୀବିକା ମିଶନର ବିପିଏମ୍ ଜୟଦେବ ପ୍ରଧାନ କୁହନ୍ତି, ଏହି ଅଞ୍ଚଳରେ ପ୍ରଥମ ଥର ପାଇଁ ଷ୍ଟ୍ରବେରି ଚାଷ ହେଉଥିବାରୁ ଚାଷୀ ଉତ୍ସାହିତ ଅଛନ୍ତି। ଚାଷ ଆରମ୍ଭରୁ ବୈଷୟିକ, ଜଳସେଚନ, ଆର୍ଥିକ ସହାୟତା ଆଦି ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା। ଚାଷପ୍ରଣାଳୀ ସମ୍ପର୍କରେ ବୁଝାଯିବା ସହ ନିୟମିତ ଏହାର ଅଗ୍ରଗତି ସମ୍ପର୍କରେ ତଦାରଖ କରାଯାଉଥିଲା। ତେବେ ଖୁସିର କଥା ଷ୍ଟ୍ରବେରୀ ଏକ ଅର୍ଥକାରୀ ଚାଷ ହୋଇପାରିଲା।

**ଷ୍ଟ୍ରବେରି ଚାଷ ଦେଇଛି ପରିଚୟ:** ସମ୍ବଲପୁର ଜିଲା ଜୁଜୁମୁରା ବ୍ଲକ ଅଧୀନ ପଡ଼ିଆ ବାହାଲ ଗ୍ରାମର ଜିତେନ୍ଦ୍ର ବର୍ମା ଏବଂ ତାଙ୍କର ପତ୍ନୀ ରୀନା ବର୍ମା ଏବେ ଷ୍ଟ୍ରବେରି ଚାଷକରି ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା ସାଉଁଟିଛନ୍ତି। ଜିତେନ୍ଦ୍ର କୁହନ୍ତି, 'ବିହାରର ଔରଙ୍ଗାବାଦ ନିକଟସ୍ଥ ଚିଲକିଭିଗା ଗ୍ରାମରେ ମୋର ଜନ୍ମ। ଷ୍ଟ୍ରବେରି ଚାଷ ପାଇଁ ଔରଙ୍ଗାବାଦରେ ଦୁଇବର୍ଷ ଟ୍ରେନିଂ ନେଇଥିଲି। ଓଡ଼ିଶାର ସମ୍ବଲପୁର ଜିଲାର ମାନେଶ୍ୱର ବ୍ଲକ ଗୁଲୁଣ୍ଡାରେ ଶ୍ୱଶୁର ଘର। ଏଠାରେ ଷ୍ଟ୍ରବେରି ଚାଷ କରିବାକୁ ମନ ବଳାଇଥିଲି। ୨୦୨୧ରେ ପଡ଼ିଆବାହାଲ ନିବାସୀ ମୋହନ ଚନ୍ଦ୍ର ସାହୁଙ୍କ ପାଟୁଆବାହାଲସ୍ଥିତ ଫାର୍ମ ହାଉସ୍‌ରେ ୧ ଏକର ଜମିକୁ ୨୦୨୪ ଯାଏ ଲିଜ୍‌ରେ ନେଇଥିଲି। ଅନୁକୂଳ ପାଣିପାଗ ନ ଥିବା ସତ୍ତ୍ୱେ ପ୍ରଥମେ ପରୀକ୍ଷାମୂଳକ ଭାବରେ ଷ୍ଟ୍ରବେରି ଚାଷକରି ବିଫଳ ହୋଇଥିଲି। କିନ୍ତୁ ଦ୍ୱିତୀୟ ବର୍ଷ ଅକ୍ଟୋବର ମାସରେ ୨୨ ହଜାର ଚାରା ଲଗାଇଥିଲି। ଚାରା ପିଛା ୧୭ରୁ ୧୮ ଟଙ୍କା ଖର୍ଚ୍ଚ ହୋଇଥିଲା। ପ୍ରାୟ ପଚାଶ ଦିନ ପରେ ଷ୍ଟ୍ରବେରୀ ତୋଳିବା ଆରମ୍ଭ କରିଥିଲି। ୮ରୁ ୧୦ ଜଣ ଦିନ ମଜୁରିଆଙ୍କୁ ଫଳ ତୋଳିବା ଓ ପ୍ୟାକିଂ କରିବା କାର୍ଯ୍ୟରେ ନିୟୋଜିତ କରିଥିଲି। ଦୈନିକ ୪୦/୫୦ ପେଟି ହାରାହାରି ଏକ କୁଇଣ୍ଟାଲ ତୋଳାଯାଉଥିଲା। ଗୋଟିଏ ପେଟିରେ ୮ ପ୍ୟାକେଟ ଷ୍ଟ୍ରବେରି ଥାଏ, ଯାହାକି ବଜାରରେ ପ୍ୟାକେଟ ପ୍ରତି ଶହେ ଟଙ୍କା ଯାଏଁ ବିକ୍ରି ହୁଏ। ବିକ୍ରି ପାଇଁ ସମ୍ବଲପୁର, ଭୁବନେଶ୍ୱରକୁ ପଠାନ୍ତି। ଏଥିରେ ଭଲ ଲାଭ ବି ମିଳିଛି। ଗତ ୨ବର୍ଷ ଧରି ଏହି ଚାଷ କରିଆସୁଛି। ଏହି ଚାଷକୁ କିପରି ଆହୁରି ଉନ୍ନତ ଧରଣର କରାଯାଇପାରିବ, ସେ ନେଇ ଚେଷ୍ଟା ଜାରି ରଖିଛି। ଓଡ଼ିଶାରେ କେମିତି ଏହି ଚାଷ ଅଧିକରୁ ଅଧିକ ହୋଇପାରିବ ସେ ଦିଗରେ କାମ କରିବାର ଲକ୍ଷ୍ୟ ରଖିଛି। ସରକାରୀ ସାହାଯ୍ୟ ମିଳିଲେ, ଆହୁରି ଆଗେଇ ପାରିବି।

**ରୋଜଗାରର ମାଧ୍ୟମ ପାଲଟିଛି–** କନ୍ଧମାଳ ଜିଲାରେ ସେପ୍ଟେମ୍ବରଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସବୁଠାରୁ ଅଧିକ ଶୀତ ଅନୁଭୂତ ହୁଏ। ଚଳିତବର୍ଷ କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉକ୍ତ ଜିଲାର ଦାରିଙ୍ଗବାଡ଼ି ସମେତ ଆଉ କେତେକ ଅଞ୍ଚଳରେ ପରୀକ୍ଷାମୂଳକ ଭାବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଷ୍ଟ୍ରବେରି ଚାଷ ଆରମ୍ଭ କରିଥିଲେ। ଏହି କ୍ରମରେ ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିଠାରେ ୨ ଏକର ଜମିରେ ପ୍ରାୟ ୨୦ ହଜାର ଷ୍ଟ୍ରବେରି ଚାରା ରୋପଣ କରାଯାଇଥିଲା। ଏଥିପାଇଁ ଗ୍ରୀନ୍‌ବାଡ଼ି ପଞ୍ଚାୟତ କୁତୁବାଡ଼ି ଗ୍ରାମର ଏଲିଜାବେଥ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚୟନ କରାଯାଇଥିଲା। ମହିଳା ଗୋଷ୍ଠୀଙ୍କ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ କରି ମଜୁରି ବାବଦକୁ ୧ ଲକ୍ଷ ୧୫ ହଜାର ୮୮୪ ଟଙ୍କା ସ୍ଥାନୀୟ ପ୍ରଶାସନ ନିକଟରୁ ପାଇଛନ୍ତି। ଏଥିସହ ଚାରାରୋପଣ କାର୍ଯ୍ୟରେ ସେମାନଙ୍କୁ ତାରବାଡ଼ ସମେତ ଚାରା ବଞ୍ଚିବା ପାଇଁ ବିଭିନ୍ନ ଜୈବିକ

→







ସୁନାବେଡ଼ା ଅଞ୍ଚଳର ଷ୍ଟ୍ରବେରି ଚାଷୀ



ସମ୍ବଲପୁର ଜିଲାରେ ଷ୍ଟ୍ରବେରି ପ୍ୟାକିଂ ଚାଲିଛି



ସାର, ଖତ ସହ ପଲିଥିନ୍, ଜଳସେଚନ ବ୍ୟବସ୍ଥା ପାଇଁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ୫ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯାଇଥିଲା । ଜିଲା ପ୍ରଶାସନର ବିଭିନ୍ନବିଭାଗ ପକ୍ଷରୁ ଏହିଚାଷକୁ ସଫଳ କରିବା ପାଇଁ ପଦକ୍ଷେପ ନେଇଥିଲେ। ମହିଳା ଗୋଷ୍ଠୀ ଷ୍ଟ୍ରବେରି ବିକ୍ରି କରି ଏଯାବତ୍ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ରୋଜଗାର କରିପାରିଛନ୍ତି। ଏଲିଜାବେଥ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କୁହନ୍ତି– ପୂର୍ବରୁ କୋବିଚାଷରେ ବହୁ କ୍ଷତି ସହିଥିଲୁ। ହେଲେ ଷ୍ଟ୍ରବେରୀ ଚାଷରେ ଭଲ ରୋଜଗାର ହୋଇଛି ଓ ଆତ୍ମବିଶ୍ୱାସ ଦୃଢ଼ ହୋଇଛି। କମ୍ ସମୟ ମଧ୍ୟରେ ଅଧିକ ଲାଭ ମିଳିଛି। ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ର କୁହନ୍ତି, ଷ୍ଟ୍ରବେରି ଚାଷ ପ୍ରଥମଥର ପାଇଁ ଦାରିଙ୍ଗବାଡ଼ିରେ କରାଯାଇଥିଲା। ଏହା ଭଲ ହୋଇଛି। ଆଗାମୀ ଦିନରେ ଏକାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟକ୍ତିଗତ ଚାଷୀଙ୍କୁ ଏହି ଚାଷ କରିବା ପାଇଁ ପ୍ରୋତ୍ସାହିତ କରାଯିବ। ସେହିପରି ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ପାଦିକା ରେଣୁକା ପ୍ରଧାନ କୁହନ୍ତି, ଏହି ଚାଷ କରିବାବେଳେ ପ୍ରଥମେ ଆମର ଭରସା ନଥିଲା ; ମାତ୍ର ଯେବେଠୁ ଷ୍ଟ୍ରବେରି ଫଳିବା ଦେଖିଲୁ ଆମେ ବହୁତ ଖୁସି ହେଲୁ। ଏହି ଚାଷ ପ୍ରତି ଲୋଭ ଆସିଲା। ଗୋଷ୍ଠୀର ସଭାନେତ୍ରୀ ମୋହିନୀ ପ୍ରଧାନ କୁହନ୍ତି, ଆମେ ଆଶା କରି ନ ଥିଲୁ ଯେ, ସରକାରଙ୍କ ପକ୍ଷରୁ ଏଭଳି ସହାୟତା ମିଳିବ। ଷ୍ଟ୍ରବେରି ପାଇଁ ପରିଶ୍ରମ କଲୁ। ମଜୁରି ପାଇଲୁ। ଏବେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିସାରିଛୁ। ବିକ୍ରି ପାଇଁ ନିଜ ଚାଷଜମି ନିକଟରେ ଏକ ଷ୍ଟଲ ରହିଥିବା ବେଳେ କଫି ବଗିଚା ଏବଂ ବଜାରର ଚାରିଛକ ନିକଟରେ ଷ୍ଟଲ ଖୋଲାଯାଇଛି। କିଲୋ ପିଛା ୪୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ଷ୍ଟ୍ରବେରିରୁ ଜୁସ୍ ତିଆରି କରି ବୋତଲ ପିଛା ୨୦ ଟଙ୍କାରେ ବିକ୍ରି କରୁଛୁ। ଦାରିଙ୍ଗବାଡ଼ିକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟବାସିନ୍ଦା ଏହାକୁ ଆଗ୍ରହର ସହ କିଣୁଛନ୍ତି।

**ସୁନାବେଡ଼ାରେ ଷ୍ଟ୍ରବେରି** : ଦିନେ ଲାଲଗଡ଼ ଭାବେ ପରିଚିତ ଥିଲା ନୂଆପଡ଼ା ଜିଲାର ସୁନାବେଡ଼ା ଅଭୟାରଣ୍ୟ। ଏବେ ଲାଲଫଳ ଷ୍ଟ୍ରବେରିରେ ହସୁଛି । ଯେଉଁ ଟାଙ୍ଗରା ଭୂଇଁରେ ଦିନେ ଗାଈଗୋରୁ ଚରୁ ନ ଥିଲେ, ଏବେ ସେହି ପଡ଼ିଆ ଜମିରେ ଷ୍ଟ୍ରବେରି ଚାଷ ହେଉଛି। ଘଞ୍ଚ ଜଙ୍ଗଲ ଭିତରେ ଜୈବିକ ପ୍ରଣାଳୀରେ ଏହି ଚାଷ କରାଯାଉଛି। ସମୁଦ୍ର ପତନଠାରୁ ୩୬ ହଜାର ଫୁଟ ଉଚ୍ଚତାରେ ଅବସ୍ଥିତ ସୁନାବେଡା ଅଭୟାରଣ୍ୟ ଅଞ୍ଚଳ। ଏଠାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ପରିସ୍ଥିତି ଦେଖାଦେଉଥିଲା। କିନ୍ତୁ ଜିଲା ପ୍ରଶାସନ ତରଫରୁ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ୨୦୨୨ ଅକ୍ଟୋବର/ନଭେମ୍ବର ମଧ୍ୟଭାଗରେ ୧୦ଜଣ ଚାଷୀ ୧୦ ଏକର ଜମିରେ ପ୍ରଥମକରି ଷ୍ଟ୍ରବେରି ଚାଷ କରିଥିଲେ। ଏହା ନୂଆପଡ଼ା ଜିଲାପାଳ ହେମକାନ୍ତ ସାଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା। ଚକୋଟିଆ ଭୂଞ୍ଜିଆ ଉନ୍ନୟନ ସଂସ୍ଥା (ସିବିଡିଏ) ତରଫରୁ ଷ୍ଟ୍ରବେରି ଚାଷର ପାଇଲଟ୍ ପ୍ରୋଜେକ୍ଟ ଅଭୟାରଣ୍ୟର ଆଦିବାସୀ ଚାଷୀଙ୍କ ଦ୍ୱାରା ହୋଇଥିଲା। ପ୍ରଥମ ବର୍ଷରେ ଏଥିରେ ସୁନାବେଡ଼ାର ଚାଷୀମାନେ ଷ୍ଟ୍ରବେରି ଚାଷ କରିଥିଲେ । ଚାଷୀଙ୍କ ଜମିରେ ଉଠାଜଳସେଚନ ପାଇଁ ବିଭାଗ ତରଫରୁ ଗଭୀର ନଳକୂଅ ଖନନ କରାଯାଇଥିଲା । ମାଟିକୁ କଡ଼ାଖୁସା କରି ଜୈବିକ ପ୍ରଣାଳୀରେ ଗୋବର ଖତ ପୋତି ହୁଡ଼ା ତିଆରି କରାଯାଇଥିଲା। ପଲିଥିନ ଲଗାଇ ମଲ୍‌ଚିଂ ପ୍ରସ୍ତୁତ କରିଥିଲେ। ଉଦ୍ୟାନ ବିଭାଗ ତରଫରୁ ଚାଷଜମିରେ ଡ୍ରିପ ଲଗାଇ ବୁନ୍ଦାଜଳ ପ୍ରଣାଳୀରେ ଜଳସେଚନ କରାଗଲା । ଗତ ନଭେମ୍ବର ୫ରେ ମହାରାଷ୍ଟ୍ରର ମହାବଳେଶ୍ୱରରୁ ଷ୍ଟ୍ରବେରି ଚାରା ଆଣି ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। ସିବିଡିଏ ସ୍ୱତନ୍ତ୍ର ଅଧିକାରୀ ହିମାଂଶୁ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୃଷି ବୈଜ୍ଞାନିକଙ୍କ ପରାମର୍ଶରେ ଚାରା ରୋପଣ କରାଯାଇଥିଲା। ସିବିଡିଏ କନିଷ୍ଠ ଯନ୍ତ୍ରୀ ସୁନୀଲ ଅର୍ଗଲଙ୍କ ମାର୍ଗଦର୍ଶନରେ ଅଭୟାରଣ୍ୟ ଜଳବାୟୁରେ ଷ୍ଟ୍ରବେରି ଚାଷ ସଫଳ ହୋଇପାରିଛି। ପ୍ରଥମ କରି ଶୁଷ୍କ ତଥା ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଷ୍ଟ୍ରବେରୀ ଭଲ ଅମଳ ଦେଉଥିବାରୁ ଚାଷୀ ଉତ୍ସାହିତ ଅଛନ୍ତି। ଷ୍ଟ୍ରବେରି ଚାଷ ଆଦିବାସୀଙ୍କ ଆର୍ଥିକ ଉନ୍ନତିରେ ସହାୟକ ହୋଇଛି।

**କୃଷି ଅର୍ଥନୀତିକୁ ସମୃଦ୍ଧ କରିବ ଷ୍ଟ୍ରବେରି:** କେନ୍ଦ୍ରାପଡ଼ା ଜିଲାରେ ପରୀକ୍ଷାମୂଳକ ଭାବେ ଷ୍ଟ୍ରବେରି ଚାଷ ଆରମ୍ଭ ହୋଇଛି। ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏହି ଚାଷ କରାଯାଇଛି । ଏ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ର ପରିଚାଳକ ତଥା ବରିଷ୍ଠ ବୈଜ୍ଞାନିକ ଡ. ସୂର୍ଯ୍ୟନାରାୟଣ ମିଶ୍ର, ବୈଜ୍ଞାନିକ ମାତୃପ୍ରସାଦ ମହାନ୍ତି କହିଛନ୍ତି ଯେ, ଏହି ଜିଲାର କୃଷି ଅର୍ଥନୀତି ଓ କେନ୍ଦ୍ର ସରକାରଙ୍କ 'ଏକ ଜିଲା, ଏକ ଫସଲ' ପରି ଯୋଜନାକୁ ସାକାର ପାଇଁ ଏହି ଫସଲର କ୍ଷମତା ଅଛି । ଗୋଟିଏ ଥର ଚାଷ କଲେ ଚାଷୀ ପ୍ରାୟ ୫ବର୍ଷ ପର୍ଯ୍ୟନ୍ତ ଆୟ କରିପାରିବ । ଅଳ୍ପ ଖର୍ଚ୍ଚ ଓ ଅଧିକ ଆଦାୟ ଏହାର ମୂଳ ବିଶେଷତ୍ୱ । ତେବେ ଏଠାରେ ଗତ ନଭେମ୍ବରରୁ ଷ୍ଟ୍ରବେରି ଚାଷ ଆରମ୍ଭ ହୋଇଛି । ଜଳ ପରିଚାଳନା ସହିତ କ୍ଷେତରେ ଘାସ ନ ରଖିବାକୁ ଗୁରୁତ୍ୱ ଦିଆଯାଉଛି । ଏହାବ୍ୟତୀତ ରୋଗପୋକ ନିୟନ୍ତ୍ରଣ ପାଇଁ ରାସାୟନିକ ସାର ବ୍ୟବହାର କରା ନଯାଇ ନିମ ତେଲ ସ୍ପ୍ରେ କରାଯାଉଛି। ଗତ ଦୁଇମାସ ହେବ ଏଥିରୁ ବିଭିନ୍ନ ସମୟରେ ଷ୍ଟ୍ରବେରି ଅମଳ ଆରମ୍ଭ ହୋଇଛି । କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବିଭାଗ ପକ୍ଷରୁ ଏହାର ଚାରା ଉତ୍ପାଦନ ହେଉଥିବା ସେମାନେ ପ୍ରକାଶ କରିଛନ୍ତି। ତେବେ କେନ୍ଦ୍ରାପଡା ବ୍ୟତୀତ ବାରିପଦା, କେନ୍ଦୁଝର, ବରଗଡ଼ ଜିଲା ପଦ୍ମପୁର ବ୍ଲକର ଜାମୁଖେରା, କୋରାପୁଟ ଜିଲାର କୋଟିଆ ଅଞ୍ଚଳର ଡାଲିଆମ୍ବ, ନୂଆପଡ଼ା ଜିଲା କୋମନା ବ୍ଲକର ସୁନାବେଡା ସମେତ ରାଜ୍ୟର ଆଉ କେତେକ ସ୍ଥାନରେ ଏହି ଷ୍ଟ୍ରବେରି ଚାଷ କରାଯାଉଛି।

**– ବନବିହାରୀ ବେହେରା**

ତଥ୍ୟ ସହାୟତା– **ପ୍ରଦୀପ ବେହେରା, ଅରୁଣ ସାହୁ, ମକାରୁ ବେମାଲ, ଜଗନ୍ନାଥ ଧଳ, ରାଧାମୋହନ ଷଡ଼ଙ୍ଗୀ**

## ଷ୍ଟ୍ରବେରି ଚାଷ ପାଇଁ..

ଷ୍ଟ୍ରବେରି ଚାଷ ସାଧାରଣତଃ ଥଣ୍ଡା ଜଳବାୟୁରେ ହେଉଥିବା ବେଳେ ଏହା ମହାରାଷ୍ଟ୍ର ଓ ଜମ୍ମୁ-କଶ୍ମୀରରେ ସର୍ବାଧିକ ପରିମାଣରେ କରାଯାଇଥାଏ। ଏହି ଚାଷ କରିବା ପାଇଁ ପ୍ରକୃଷ୍ଟ ସମୟ ହେଲା ସେପ୍ଟେମ୍ବରଠାରୁ ନଭେମ୍ବର। ଫେବୃୟାରୀ ଭିତରେ ଅମଳ ଭଲ ହୋଇଥାଏ। ଥଣ୍ଡା ପାଗ ଥିଲେ ମାର୍ଚ୍ଚ ପର୍ଯ୍ୟନ୍ତ ଫସଲ ଅମଳ ହୁଏ। ଲଗାଇବାର ପ୍ରାୟ ଅଢ଼େଇ ମାସ ମଧ୍ୟରେ ଷ୍ଟ୍ରବେରି ଗଛରେ ଫଳ ଫଳିବା ଆରମ୍ଭ ହୋଇଥାଏ। ଷ୍ଟ୍ରବେରି ଚାଷରେ ବୁନ୍ଦା ଜଳସେଚନ ବ୍ୟବସ୍ଥା କରାଯାଇଥାଏ। ମାଟିହୁଡ଼ାରେ ପଲିଥିନ ଢାଙ୍କିବା ବା ମଲଚିଂ କରିବା ସହ ଜୈବିକ ଖତ ଓ ଔଷଧ ଯୋଗାଇଦେବା କାର୍ଯ୍ୟ ଆଦି କରାଯାଇଥାଏ। ମୁଖ୍ୟତଃ ଔଷଧ ଜିଆଖତ ଏବଂ ନିମ୍ବ ପିଡ଼ିଆକୁ ବ୍ୟବହାର କରାଯାଇଥାଏ। ଥରେ ଏହି ଚାରା ଲଗେଇଲେ ଏଇଥିରୁ ଆଗକୁ ଚାରା ସଂଗ୍ରହ କରି ହେବ। ରାଜ୍ୟ ସରକାରଙ୍କ ଜୀବିକା ମିଶନ ବିଭାଗ ତରଫରୁ ଷ୍ଟ୍ରବେରି ଚାଷର ଯତ୍ନ ସହ ଅମଳ ଓ ପ୍ୟାକିଂ ସମ୍ପର୍କରେ ତାଲିମ ଦିଆଯାଇଥାଏ। ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଚାଷ ପାଇଁ ତାଲିମ ଦିଆଯାଇଥାଏ।





କନ୍ଧମାଳ, ରାଇକିଆ ଅଞ୍ଚଳର ଷ୍ଟ୍ରବେରି ଚାଷୀ



ଦାରିଙ୍ଗବାଡ଼ିରେ ଷ୍ଟ୍ରବେରି ପ୍ୟାକିଂ



କେନ୍ଦ୍ରାପଡ଼ାର କୃଷି ବିଭାଗ ପରିସର

# ଫ୍ଲୋରାଲ୍ ଫ୍ୟାଶନ

**ଖରାଦିନେ କୁଲ୍, କମ୍ଫଟେବଲ୍ ଲୁକ୍ ଦେଇଥାଏ ଫ୍ଲୋରାଲ୍ ପ୍ରିଣ୍ଟର ଆଉଟ୍‌ଫିଟ୍। ଅଲ୍ ଟାଇମ୍ ଫ୍ୟାଶନରେ ରହିଥିବା ଏହି ପ୍ରିଣ୍ଟ ଦେଖିବାକୁ ଯେମିତି ଆକର୍ଷଣୀୟ, ପିନ୍ଧିଲେ ବି ସେମିତି ତାଜା ଅନୁଭବ ଦେଇଥାଏ। ସବୁଠୁ ବଡ଼ କଥା ହେଉଛି ଏହି ଷ୍ଟାଇଲ୍‌ର ଆଉଟ୍‌ଫିଟ୍ ସବୁ ପ୍ରକାରର ବଡି ଟାଇପ୍ସକୁ ବେଶ୍ ଭଲ ମାନିଥାଏ। ଫ୍ଲୋରାଲ୍ ଆଉଟ୍‌ଫିଟ୍‌ର କ'ଣ ରହିଛି ଲାଟେଷ୍ଟ ଟ୍ରେଣ୍ଡ ଜାଣନ୍ତୁ ସେ ସମ୍ପର୍କରେ...**

✲ **ଫ୍ଲୋରାଲ୍ ଶାଢ଼ି:** ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ିର ଡିମାଣ୍ଡ ପୂର୍ବରୁ ଥିଲା ଆଉ ଏବେ ବି ରହିଛି। ଏପରିକି ସେଲିବ୍ରିଟିଙ୍କ ଗହଣରେ ମଧ୍ୟ ଏହି ଶାଢ଼ିର ଖୁବ୍ ଚାହିଦା ରହୁଥିବା ଦେଖିବାକୁ ମିଳେ। ବିଶେଷକରି ଖରାଦିନେ କାଜୁଆଲ୍ ଆଉଟିଂ ହେଉ କିମ୍ବା ଅଫିସ୍‌କୁ ପିନ୍ଧିକି ଯିବାପାଇଁ ବି ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ି ଏକ ବେଷ୍ଟ ଅପ୍ସନ ହୋଇଥାଏ।

✲ **ଫ୍ଲୋରାଲ୍ କୁର୍ତ୍ତା:** ଫ୍ଲୋରାଲ୍ ପ୍ରିଣ୍ଟ ଥିବା କୁର୍ତ୍ତା ବି ଖୁବ୍ ସୁନ୍ଦର ଲାଗିଥାଏ। ଏହି କୁର୍ତ୍ତା ସହିତ ମ୍ୟାଚିଂ କଲର୍‌ର ପ୍ଲେନ ଲେଗିଙ୍ଗ୍ସ ପରଫେକ୍ଟ ମ୍ୟାଚ୍ କରିଥାଏ ; ଯାହାକୁ ଅଫିସ୍ ହେଉ କିମ୍ବା ସାଙ୍ଗମାନଙ୍କ ସହ ଆଉଟିଂରେ ଯିବାବେଳେ ପିନ୍ଧିଲେ କମ୍ଫଟେବଲ୍ ଲାଗିଥାଏ। ଅନ୍ୟପକ୍ଷେ ଅନାରକଲି ଷ୍ଟାଇଲ୍‌ର ଫ୍ଲୋରାଲ୍ କୁର୍ତ୍ତାକୁ ପାର୍ଟି, ଫଙ୍କଶନ୍‌କୁ ପିନ୍ଧିକି ଗଲେ ଆକର୍ଷଣୀୟ ଲୁକ୍ ମିଳିଥାଏ।

✲ **ଫ୍ଲୋରାଲ୍ ଫ୍ରକ୍:** ଫ୍ଲୋରାଲ୍ ପ୍ରିଣ୍ଟର ନି ଲେଙ୍ଗ୍‌ଥ ଫ୍ରକ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ଖାସ୍ କରି ଧଳା ରଙ୍ଗର ଫ୍ରକ୍ ଉପରେ ମଲ୍ଟି କଲର୍‌ର ଫ୍ଲୋରାଲ୍ ପ୍ରିଣ୍ଟ ଥିଲେ, ବହୁତ ସୁନ୍ଦର ଦେଖାଯାଇଥାଏ। ବିଶେଷକରି କକ୍‌ଟେଲ୍ ପାର୍ଟି ହେଉ କିମ୍ବା ସାଙ୍ଗମାନଙ୍କ ସହ ଇଭିନିଙ୍ଗ୍ ପାର୍ଟିରେ ଗଲାବେଳେ ଏହି ଟାଇପ୍‌ର ଫ୍ରକ୍ ପିନ୍ଧିଲେ, ଡିଫରେଣ୍ଟ ଲୁକ୍ ମିଳିଥାଏ।

✲ **ଫ୍ଲୋରାଲ୍ ଜିନ୍ସ:** ଜିନ୍ସର ଚାହିଦା ତ ଯୁବପିଢ଼ିଙ୍କ ଭିତରେ ସବୁବେଳେ ରହିଆସିଛି। ଖାସ୍‌କରି ଫ୍ଲୋରାଲ୍ ଜିନ୍ସର ଚାହିଦା ଏବେ ଖୁବ୍ ରହୁଥିବାର ଦେଖିବାକୁ ମିଳୁଛି। ବିଶେଷକରି ନୀଳ ରଙ୍ଗର ଜିନ୍ସ ହେଉ କିମ୍ବା କଳା ରଙ୍ଗର ଜିନ୍ସରେ ହୋଇଥିବା ଫ୍ଲୋରାଲ୍ ପ୍ରିଣ୍ଟ ବହୁତ ସୁନ୍ଦର ଲାଗିଥାଏ। ଫ୍ଲୋରାଲ୍ ଜିନ୍ସ ସହ ମ୍ୟାଚିଂ କରି ହାଇ ହିଲ୍ ପିନ୍ଧିଲେ ମଡର୍ନ ଲୁକ୍ ମିଳିଥାଏ।

✲ **ଫ୍ଲୋରାଲ୍ ପ୍ୟାଣ୍ଟ:** କେବଳ ଜିନ୍ସ ନୁହେଁ, ଏବେ ମାର୍କେଟ୍‌ରେ ଅନ୍ୟ ଫ୍ୟାବ୍ରିକ୍‌ର ଫ୍ଲୋରାଲ୍ ପ୍ୟାଣ୍ଟ ବି ମିଳିଲାଣି ; ଯାହା ଦେଖିବାକୁ ଆକର୍ଷଣୀୟ ଲାଗିବା ସହ ପିନ୍ଧିବାକୁ ମଧ୍ୟ କମ୍ଫଟେବଲ୍ ହୋଇଥାଏ। ସେହିପରି ଏହା ସହିତ ମ୍ୟାଚିଂ ଟି-ଶାର୍ଟ ପିନ୍ଧିଲେ ଲୁକ୍‌କୁ ଏହା ଖୁବ୍ ଭଲ ମାନିଥାଏ।

✲ **ଫ୍ଲୋରାଲ୍ ପ୍ଲାଜୋ:** ଖରାଦିନେ କୁଲ୍, କମ୍ଫଟେବଲ୍ ଲୁକ୍ ଦେଇଥାଏ ପ୍ଲାଜୋ। ଆଉ ଫ୍ଲୋରାଲ୍ ପ୍ରିଣ୍ଟ ହୋଇଥିବା ପ୍ଲାଜୋ ତ ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏହାକୁ ଅଫିସ୍‌କୁ ପିନ୍ଧି ଯାଇପାରିବେ, ନଚେତ୍ ରେଗୁଲାର୍ ଭାବେ ଏହାକୁ ଘରେ ମଧ୍ୟ ଆରାମରେ କ୍ୟାରି କରିପାରିବେ।






# ସର୍ଜନାର ଉତ୍ସ ଅଫୁରନ୍ତ : ବସନ୍ତ କୁମାରୀ ସାମନ୍ତ



ରଙ୍ଗ ଓ ତୂଳୀରେ ସେ ଯେତିକି ସ୍ୱଚ୍ଛନ୍ଦ, କଲମ ଓ ଶବ୍ଦକୁ ନେଇ ତଦନୁରୂପ ପ୍ରଖର। ଚିତ୍ର ଓ ସାହିତ୍ୟ ଉଭୟର ସମନ୍ୱୟରେ ଗଢ଼ା ତାଙ୍କ ସର୍ଜକ ବ୍ୟକ୍ତିତ୍ୱ। ରଙ୍ଗ ଓ ଶବ୍ଦ ଦେଇ ଝରିପଡ଼େ ତାଙ୍କ ଭିତରର କଳାକାରର ଉଚ୍ଛ୍ୱାସ। ଲାଗେ ଯେମିତି ଛାଏଁ ସୃଷ୍ଟି ହେଉଥାଏ ତାଙ୍କ ବହୁମୁଖୀ ପ୍ରତିଭାର ଅସ୍ତିତ୍ୱ। ନିରବିଚ୍ଛିନ୍ନ ଭାବରେ ଏକ ଦୀର୍ଘ ସର୍ଜନାର ରାସ୍ତାରେ ସାଧନାରତ ଥିବା ଏହି ବ୍ୟକ୍ତିତ୍ୱ ହେଉଛନ୍ତି 'ବିଦୀପ୍ତ ବସନ୍ତ' ଓ 'ଏକାନ୍ତ ନିଜର'ର କବି ଶ୍ରୀମତୀ ବସନ୍ତ କୁମାରୀ ସାମନ୍ତ । ଅଏଲ, ୱାଟର, ଏକ୍ରିଲିକ, ୱାସ ପେଣ୍ଟିଂ, ଟେକ୍ସଟାଇଲ ଡ଼ିଜାଇନିଂ, ପାନେଲ ଡିଜାଇନ, ଡେକୋରେଟିଭ ଡିଜାଇନ, ମୂର୍ତ୍ତି କାରିଗରୀ, ଚମଡ଼ା ବାଟିକ ଡିଜାଇନ, ପେନ ଓ ଡ଼ଟ ପେଣ୍ଟିଂରେ ପ୍ରସିଦ୍ଧି ଅର୍ଜନ କରିଥିବା ବସନ୍ତ କୁମାରୀ ସାମନ୍ତଙ୍କ ଜନ୍ମ ଗଞ୍ଜାମ ଜିଲ୍ଲାର ଚିତ୍ରକରଙ୍କ ମାଟି ଖଲ୍ଲିକୋଟରେ, ୧୮ ଜୁଲାଇ ୧୯୪୩ ମସିହାରେ । ବାପା ଚନ୍ଦ୍ର ଶେଖର ଦାସସାମନ୍ତ ଓ ମାତା ପୂର୍ଣ୍ଣମାସୀ ଦେବୀଙ୍କ ସୁପୁତ୍ରୀ ବସନ୍ତ କୁମାରୀ ବାଲ୍ୟକାଳରୁ ଚିତ୍ରକର ହେବେ ବୋଲି ମନସ୍ଥ କରିନଥିଲେ ହେଁ ମାଆଙ୍କ ଝୋଟିପକା ଓ ମୁରୁଜ ଅଙ୍କାରୁ ନିଜ ଭିତରେ ଏକ କୁନି କଳାକାରଙ୍କୁ ତିଆରି କରିନେଇଥିଲେ । ବିଦେଶରୁ ଚିତ୍ରକଳାରେ ପାଠ ପଢ଼ି ଖଲ୍ଲିକୋର୍ଟ ଆର୍ଟ କଲେଜରେ ଅଧକ୍ଷ ଥିବା ବିଶିଷ୍ଟ ଚିତ୍ରକର ଶରତ ଚନ୍ଦ୍ର ଦେବ, ଅଧ୍ୟାପନା କରୁଥିବା ଅଜିତ କେଶରୀ ରାୟ, ବିପ୍ର ଚରଣ ମହାନ୍ତି, ରବି ନାରାୟଣ ନାୟକ ପ୍ରମୁଖ ଇଂଲଣ୍ଡ ଫେରନ୍ତା ଥିଲେ । ବାପା ଚନ୍ଦ୍ରଶେଖର ଦାସସାମନ୍ତ ଝିଅ ସେଇଠି ପାଠ ପଢୁ ଏବଂ କିଛି ନୂଆ କରି ନିଜର ପରିଚୟ ତିଆରିକରୁ ବୋଲି ଚାହୁଁଥିଲେ । ବିସ୍ମିତ ହେବାକୁ ହୁଏ ଯେ ନାରୀ ଶିକ୍ଷାପ୍ରତି ଉଦାସୀନ ଗୋଟେ ସମୟଖଣ୍ଡରେ ବସନ୍ତ କୁମାରୀଙ୍କୁ ନୂଆ କରି ଖୋଲିଥିବା ଗୋଟେ କଳା ମହାବିଦ୍ୟାଳୟରେ ଅତ୍ୟନ୍ତ ଆଗ୍ରହର ସହ ପାଠ ପଢ଼ିବାକୁ ଛାଡ଼ିବା ଏବଂ ସେହି ସମୟରେ ଝିଅଟେ ଚିତ୍ରକଳାକୁ ବୃତ୍ତି କରି ନିଜ ପାଇଁ ଖ୍ୟାତି ସାଉଁଟୁ ବୋଲି ଚାହୁଁଥିବା ପିତା ସମାଜ ପାଇଁ ପ୍ରେରଣା ନିଶ୍ଚୟ। ବଡ଼ ପରିବାର ଭିତରେ ସବୁ ପିଲାଙ୍କୁ ଶିକ୍ଷା ଓ ରୁଚି ପ୍ରତି ସମ୍ମାନ ଜଣାଇ ସୁଯୋଗ ଯୋଗାଇଦେବା ଜଣେ ଉତ୍ତମ ନାଗରିକର ଲକ୍ଷଣ । ଏହି ଦିଗରୁ ତାଙ୍କ ପିତାଙ୍କ ବ୍ୟକ୍ତିତ୍ୱ ପ୍ରଶଂସନୀୟ । ବସନ୍ତ କୁମାରୀ ମଧ୍ୟ ପିତାଙ୍କ ସ୍ୱପ୍ନ ଓ ପ୍ରେରଣାକୁ କାର୍ଯ୍ୟରେ ଲଗେଇ ସଫଳ ହୋଇ ପାରିବା ଏକ ବିଶେଷ ଉଦାହରଣ। ବସନ୍ତକୁମାରୀ ପତ୍ନୀ ହିସାବରେ ମଧ ତାଙ୍କ ପତି ଖଣ୍ଡପଡ଼ାନିବାସୀ ଶ୍ରୀ ଦୁର୍ଗାଚରଣ ରାଉତଙ୍କଠାରୁ ବିପୁଳ ପ୍ରେରଣା ଲାଭ କରିଛନ୍ତି ତାଙ୍କ କଳାକାର ଜୀବନ ପାଇଁ । ସେହି ପ୍ରେରଣା ତାଙ୍କ ସାଧନା ପଥରେ ଜାଜ୍ୱଲ୍ୟମାନ ପାଥେୟ ହୋଇ ରହିଛି। ତାର ପ୍ରତିଫଳନ ସେ ନିଜ କୃତୀ ମାଧ୍ୟମରେ ଦର୍ଶେଇଛନ୍ତି । ଖଲ୍ଲିକୋଟ ଚାରୁ ଓ କାରୁ କଳା ବିଦ୍ୟାଳୟରୁ ଡିପ୍ଲୋମା ଇନ୍ ଫାଇନ ଆର୍ଟରେ ୧୯୬୧ରେ କୃତିତ୍ୱ ଲାଭ କରିଥିବା ବସନ୍ତ କୁମାରୀ ୧୯୬୭ ମସିହାରେ ଚିକିଟି ସରକାରୀ ଉଚ୍ଚ ବିଦ୍ୟାଳୟରେ କଳା ଶିକ୍ଷୟିତ୍ରୀ ଭାବରେ ଦାୟିତ୍ୱ ନେଇ କଳା ଶିକ୍ଷାଦାନ ସହ ଆପଣା ସର୍ଜନ ପ୍ରତି ଧ୍ୟାନ ଦେଲେ। ୨୦୦୧ ମସିହାରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର, ଖଲ୍ଲିକୋଟରୁ ଅବସର ଗ୍ରହଣ କରିଥିବା ଏହି ବହୁମୁଖୀ ପ୍ରତିଭା ନିଜର ସାରସ୍ୱତ କୃତୀ ପାଇଁ ଓଡ଼ିଶାର ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ଓ ପ୍ରସାରିତ।











ରାଜ୍ୟ ଶିକ୍ଷା ଓ ଗବେଷଣା ପରିଷଦ, ଓଡିଶା ଲଳିତ କଳା ଏକାଡେମୀସ୍, ଗଂଜାମ ଜିଲ୍ଲା କଳା ଶିକ୍ଷକ ସଂଘ, ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ କଲିକତା, ଇଲ୍ଲା ପଣ୍ଡା ସେଣ୍ଟର ଅଫ ଆର୍ଟସ, ଟାଟାଷ୍ଟିଲ ଆଦି ପ୍ରମୁଖ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଚିତ୍ର ଶିବିରରେ ବସନ୍ତ କୁମାରୀ ଯୋଗଦାନ କରି ନିଜ ଅନନ୍ୟତ୍ୱ ପାଇଁ ପ୍ରଶଂସା ଓ ଲୋକପ୍ରିୟତା ସାଉଁଟିଛନ୍ତି । ଭାରତୀୟ ଶିଶୁଙ୍କ ଉନ୍ନତ ଶିକ୍ଷା ପାଇଁ ଏନସିଆରଟି, ନୂଆଦିଲ୍ଲୀ ତରଫରୁ ସର୍ବଭାରତୀୟ ଚିତ୍ରକଳା ପ୍ରଦର୍ଶନୀ, କୋଣାର୍କ ନାଟ୍ୟ ମଣ୍ଡପ ଠାରେ ପ୍ରଣବ ମୁଖାର୍ଜୀଙ୍କ ଦ୍ୱାରା ଉଦଘାଟିତ ଚିତ୍ରକଳା ପ୍ରଦର୍ଶନୀ, ଚଲାପଥ, ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ, ବିକେ ଆର୍ଟ କଲେଜ, ଓଡିଶା ଲଳିତ କଳା ଏକାଡେମୀ ଆଦି ପ୍ରମୁଖ ଅନୁଷ୍ଠାନ ଓ ସଂସ୍ଥା ଦ୍ୱାରା ଆୟୋଜିତ ଓ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀରେ ବସନ୍ତ କୁମାରୀଙ୍କ ଚିତ୍ରମାନ ଅଂଶଗ୍ରହଣ କରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଆସିଛି। ନିଜ ସାରସ୍ୱତ କୃତୀ ପାଇଁ ରାଜ୍ୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନ, ଓଡିଶା ଲଳିତ କଳା ଏକାଡେମୀ, ଗଂଜାମ ଜିଲ୍ଲା କଳା ଶିକ୍ଷକ ସଂଘ, ଚଲାପଥ ସାହିତ୍ୟ ସଂସଦ, ଗଂଜାମ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘ, ଜାତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନ, ପୂର୍ବାଞ୍ଚଳ ଆଞ୍ଚଳିକ ସାଂସ୍କୃତିକ କେନ୍ଦ୍ର, ଟାଟା ଷ୍ଟିଲ, କୋଣାର୍କ ନାଟ୍ୟ ମଣ୍ଡପ, ବିପ୍ରଚରଣ ମହାନ୍ତି ଫାଉଣ୍ଡେସନ ଆଦି ସାରସ୍ୱତ ଉତ୍ସବରେ ବସନ୍ତ କୁମାରୀ ଚିତ୍ରକର ହିସାବରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଥିଲାବେଳେ ଶ୍ୱେତସଙ୍କେତ, ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ, ମନସ୍ୱିନୀ, ଚିଲିକା ସାହିତ୍ୟ ସମାଜ, ସିନ୍ଧୁ ଊର୍ମି ସାହିତ୍ୟ ସଂସଦ ଆଦି ଅନୁଷ୍ଠାନ ତରଫରୁ ସାହିତ୍ୟ ପାଇଁ ସମ୍ମାନ ପ୍ରାପ୍ତ ହୋଇଛନ୍ତି। ଉଭୟ କଳା ଓ ସାହିତ୍ୟ ପାଇଁ ସୁପ୍ରୀତି ଦେବୀ ଗନ୍ତାୟତ ସ୍ମୃତି ସମ୍ମାନ, ଟାଟା ଷ୍ଟିଲ ତରଫରୁ ଅସୀମା ଉପାଧି, ସିନ୍ଧୁ ଊର୍ମୀ ସାହିତ୍ୟ ସଂସଦ ତରଫରୁ ବହୁମୁଖୀ ପ୍ରତିଭା, ଗାନ୍ଧୀ ଗୌରବ ଆଦି ସମ୍ମାନ ପ୍ରାପ୍ତ ହୋଇଛନ୍ତି ।

ବର୍ଣ୍ଣବିଭାମଣ୍ଡିତ ବସନ୍ତ ପରି ଶିଳ୍ପୀ ବସନ୍ତ କୁମାରୀ ସାମନ୍ତ ତାଙ୍କ ବହୁବର୍ଣ୍ଣ ସର୍ଜନକୁ ନେଇ କଳାପ୍ରେମୀଙ୍କ ହୃଦୟରେ ଘର କରି ରହିଛନ୍ତି ।





**-ମାନମୟୀ ରଥ**

ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯

# ବସନ୍ତ

–ମୁକୁଳ ମିଶ୍ର

ସ୍ୱପ୍ନ ସବୁ
ଡେଣା ପିନ୍ଧିବାର ଯୋଗ,
କ୍ଷତ ଶୁଖି ଫୁଲ ଫୁଟିବାର
ସୋହାଗ
ଫି ସନ
କେହି ଗୋଟେ ଆସେ
ଆଶାକୁ ଉଚ୍ଛ୍ୱାସ କରି
ପଳାଶ ରଙ୍ଗରେ
ଜାଳିଦେବାକୁ ସକଳ ଅନ୍ଧାର ।

ଖଣ୍ଡ ଖଣ୍ଡ ହୋଇ
ବିଛେଇ ପଡ଼ିଲା ବେଳେ ହିଁ
ଗୋଲାପି ରଙ୍ଗଟେ
ଏମିତି ଜଡେଇ ଧରେ ପ୍ରେମରେ ଯେ,
ଧାଡି ଧାଡି ହୋଇ ମାଡି ଆସେ
ଆଲୁଅ,
ସୁଖ ଭିନ୍ନ ଲିଭିଯାଏ ସବୁକିଛି ।

ଏଠି ସହସ୍ର ଯନ୍ତ୍ରଣାର
ବୈଶାଖ ସତ୍ତ୍ୱେ
କେବଳ ଛାଇରେ
ଲେଖା ହୁଏ ଭାଗ୍ୟ ବୋଲି ତ
ରାଜା ଋତୁ ସେ ।

ପବନର ମିଠା ବାସ୍ନା
କାନିରେ ବାନ୍ଧି ରଖାଯାଇପାରେ କାଳେ
ନୂଆଁ ଧୂନ୍‌ରେ
ନଈ ପରି ନାଚି ଚମ୍‌କେଇ
ଦିଆଯାଇପାରେ ବି ପବନକୁ ।

ଧୀରେ ଧୀରେ
ଚିତ୍ର ବଦଳି ସାରିଛି ଆକାଶର
ହସରେ ପଳାଶ ଫେଣ୍ଟୁଛି ବସନ୍ତ
ମିଠା ହେଇଚାଲିଚି ମନ
ରଙ୍ଗ ଲାଗୁଛି ସଚରାଚରେ !

*–କ୍ଲବ ପଡ଼ା, ବଲାଙ୍ଗୀର,*
*ମୋ: ୮୭୬୩୯୭୩୧୮୮*

# ବାପା

– ବିଚିତ୍ର ବିଶ୍ୱାଳ

ଦୁଇ କି ତିନିବର୍ଷର ପିଲାଟା । ଦୁନିଆ କହିଲେ ସେ କେବଳ ତା' ବାପା, ମା' ଓ ତା'ଘରକୁ ଜାଣେ । ସେଇ ଘର ଭିତରେ ସେମାନଙ୍କ ସହିତ ଖେଳେ, ଆବୁରୁ ଜାବୁରୁ କଥା ହୁଏ ଓ ତା'ବାପା, ମା'ଙ୍କ ସହିତ ମନଭରି ଗେହ୍ଲା ହୁଏ । ଏତିକି ତା' ପୃଥିବୀ ।

କିନ୍ତୁ ଏଇ କେତେଦିନ ହେବ, ସେ ତା' ମା'କୁ ପାଉନି । ମା' ତାକୁ ଆସି ଆଉ ଖାଇବାକୁ ଦେଉନି । ତାଙ୍କ ସୁନ୍ଦର ଘରଟା ବି ତା' ଆଖିରେ ଆଉ ପଡୁନି । ଏବେ ଯେଉଁଠି ସେ ଥିଲା, ସେ ଜାଗାଟା ତାକୁ ଭାରି ଅଣଓସାରିଆ ଲାଗୁଥିଲା । ସେ ଯେମିତି ଚାପି ହୋଇଯାଉଥିଲା ତା'ଭିତରେ । ନିଜ ଗୋଡ଼ହାତ ଭଲରେ ହଲେଇ ପାରୁ ନ ଥିଲା । ଚାରିପଟ ଅନ୍ଧାର ଦେଖାଯାଉଥିଲା ଓ ଧୂଳିବାଲିରେ ତାକୁ ଭାରି ଅସନା ଲାଗୁଥିଲା । ଏତେ ସବୁ ଭିତରେ ତା'ପାଇଁ ଗୋଟିଏ ଆଶ୍ୱାସନା ଥିଲା, ତା' ବାପା ତା'ଚାରିପଟେ ଥିଲା । ଆଖି ଖୋଲିଲେ ତାକୁ ବାପା ଦେଖାଯାଉଥିଲା । ବାପାର ଦେହର ବାସ୍ନାକୁ ସେ ଆଘ୍ରାଣ କରିପାରୁଥିଲା । ଅନୁଭବ କରୁଥିଲା ବାପା ଦେହର ଛୁଆଁକୁ । ହେଲେ ସେ ଚିଡ଼ି ଯାଉଥିଲା, ବାପା କାହିଁକି ଖେଳୁ ନାହାନ୍ତି ତା'ସହ । ବାପାକୁ ଯେତେ ଛୁଇଁଲେ ବି ଯେତେ ଗୋଡ଼ହାତ ଛାଟିଲେ ବି କିଛି ପ୍ରତିକ୍ରିୟା କରୁନାହାନ୍ତି ।

ବାପାର ଦେହଟା ପୂର୍ବପରି କାହିଁକି ଆଉ ଉଷୁମ ଲାଗୁ ନ ଥିଲା । କିନ୍ତୁ ଗୋଟିଏ ଆଶ୍ୱାସନା ଥିଲା, ତା'ଚାରିପଟ ଦୁନିଆରେ ବାପା ଅଛନ୍ତି । ସେଇ ବାପାକୁ ଚାହିଁ ସେ ଆଖି ମିଟିମିଟି କରୁଥିଲା ।

ଜୋର୍‌ରେ ଭୋକ ଲାଗିଲେ, ଏପରି କି କାନ୍ଦିଲେ ବି ବାପା ତା'ମୁହଁରେ କିଛି ଖାଦ୍ୟ ଗୁଞ୍ଜି ଦେଉ ନ ଥିଲା । ତା'ର ଭୋକ ବଢୁଥିଲା । ମା' କଥା ତା'ର ବହୁତ ମନେପଡୁଥିଲା । ସେ ରାହା ଧରି କାନ୍ଦିଲା । କିନ୍ତୁ ତା'କାନ୍ଦ କେବଳ ତାକୁ ହିଁ ଶୁଣା ଯାଉଥିଲା । କେହି ତା' ପାଖକୁ ଦୌଡ଼ି ଆସୁ ନ ଥିଲେ । ଅନ୍ୟଦିନ ହୋଇଥିଲେ କାନ୍ଦ ଶୁଣି ମା' ଦୌଡ଼ି ଆସନ୍ତାଣି । ବାପା ତାକୁ କୋଳକୁ ଉଠେଇ ନିଅନ୍ତେଣି । ମା' ତ ପାଖରେ ନ ଥିଲା । କିନ୍ତୁ ବାପା ଚାରିପଟେ ପ୍ରାଚୀର ଭଳି ସେମିତି ସ୍ଥିର ଥିଲେ । ନା କିଛି କହୁଥିଲେ, ନା କୋଳକୁ ନେଉଥିଲେ । ବେଳେବେଳେ ସେ ତା' ଛୋଟିଆ ମୁଣ୍ଡରେ ରାଗି ଯାଉଥିଲା । ତା' କୁନିକୁନି ହାତଗୋଡ଼ରେ ବାପାକୁ ବିଧା ଗୋଇଠା କୋରି ପକାଉଥିଲା । ହେଲେ ବାପା ନିଶ୍ଚଳ ଥିଲେ ।

ଧୀରେ ଧୀରେ ବାପାର ଦେହର ସେଇ ପୁରୁଣା ବାସ୍ନା କୁଆଡ଼େ ଉଭେଇ ଯିବାକୁ ଆରମ୍ଭ କଲା । କେମିତି ଗୋଟେ ଅବାଗିଆ ଗନ୍ଧ ହେଉଥିଲା ତା'ବାପା । ବାପାଙ୍କ ଶାର୍ଟକୁ ଟାଣିଲା । ଶୁଣିଲେନି ତା'ବାପା । ତଥାପି ଗୋଟେ ଭରସାରେ ଛୋଟ ପିଲାଟି ତା' ବାପାକୁ ଦେଖୁଥିଲା । ତା' ବାପାକୁ ଦେଖି କେତେବେଳେ ତା'ମୁହଁରୁ ହସ ଫୁଟି ପଡୁଥିଲା ତ କେତେବେଳେ କାନ୍ଦ ।

ଧୀରେ ଧୀରେ ଛୋଟ ପୁଅଟାର ଭୋକ ବଢୁଥିଲା । ତାକୁ ଭାରି ହାଲିଆ ଲାଗୁଥିଲା । ତଣ୍ଟି ଶୁଖି ଆସୁଥିଲା । ଆଖି ବୁଜିହୋଇ ଆସୁଥିଲା । ଠିକ୍ ସେତିକିବେଳେ ତା'ଚାରିପଟ ମାଟି ହଲିଲା । ଟିକେଟିକେ ଦୁଲ୍‌ଭୁସ ଶୁଭିଲା । ତା'ବାପା ବି ଟିକେ ହଲିଲା ।

ଉଦ୍ଧାରକାରୀ ଦଳ ତୁର୍କୀର ଭୂମିକମ୍ପ ପ୍ରପୀଡ଼ିତ ଗୋଟେ ଅଞ୍ଚଳର ଧ୍ୱଂସସ୍ତୂପ ତଳୁ ଆଣ୍ଠେଇ କରି ରହିଥିବା ଗୋଟେ ଶବକୁ ଉଦ୍ଧାର କଲେ । ଆଣ୍ଠେଇ କରି ଥିବା ସେଇ ଶବର ଦେହ ତଳେ ସୁରକ୍ଷିତ ଥିଲା ତା' ଦୁଇବର୍ଷର ଶିଶୁ ପୁତ୍ର ।

*– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,*
*ମୋ: ୯୪୩୮୪୬୮୪୭୪*

(ତୁର୍କୀର ଭୂମିକମ୍ପ ପ୍ରପୀଡ଼ିତ ଅଞ୍ଚଳର ଏକ ସତ୍ୟଘଟଣା ଦ୍ୱାରା ପ୍ରେରିତ)



# ଫିଟ୍‌ନେସ୍ ମନ୍ତ୍ର

'୨୦୦୮ର କ୍ରାଇମ୍ ଥ୍ରୀଲର୍ ମୁଭି 'ବ୍ଲାକ୍ ଆଣ୍ଡ ହ୍ୱାଇଟ୍'ର ନାୟିକା ନିକିତା ରାୱଲଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏବେ ସେ ଯୁଆଡେ ଯାଉଛନ୍ତି ଗୋଟିଏ ବିଷୟରେ କହିବାକୁ ଭୁଲୁ ନାହାନ୍ତି। କଥା କ'ଣ କି ନିକଟରେ କେତେ ଜଣ ସାଙ୍ଗଙ୍କ ସହ ନିକିତାଙ୍କର ଭେଟ ହୋଇଗଲା। ବାସ୍, ଆଲୋଚନା ଲମ୍ବି ଚାଲିଲା। ଏହି ସମୟରେ ନିଜର ଫିଟ୍‌ନେସ ନେଇ କହିବାକୁ ଭୁଲି ନ ଥିଲେ ନିକିତା। ଏ ସମ୍ପର୍କରେ ସେ କହନ୍ତି, 'ଆଜିକାଲିର ବିଜି ଲାଇଫ୍ ଭିତରେ ନିଜକୁ ଫିଟ୍ ରଖିବା ସହଜ କଥା ନୁହେଁ। ହେଲେ ଏହାକୁ କଦାପି ମୁଁ ଅବହେଳା କରି ନ ଥାଏ। ସକାଳେ ଏବଂ ସନ୍ଧ୍ୟାରେ ଯେମିତି ହେଲେ କିଛି ସମୟ ବ୍ୟାୟାମ କରେ। କେବଳ ଏକ୍ସରସାଇଜ କଲେ ତ ହେବ ନାହିଁ, ତା'ସହ ଡାଏଟିଂ ପ୍ରତି ମଧ୍ୟ ନଜର ଦେଇଥାଏ। ଏକଥା ସତ ଯେ ବଲିଉଡ୍‌ରେ ଏଣ୍ଟ୍ରି କରିବା ଦିନଠାରୁ ମୋତେ ଆଶାନୁରୂପ ଅଫର ମିଳିନାହିଁ। କେବଳ ହାତଗଣତି କେତୋଟି ଫିଲ୍ମରେ ଆକ୍ଟିଂ କରିଛି। ତଥାପି ନିଜ ଉପରେ ଭରସା ରହିଛି। ଏବେ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରିବାରେ ନିଜକୁ ନିୟୋଜିତ ରଖିଛି।' ଡ୍ୟାନ୍ସରରୁ ଅଭିନେତ୍ରୀ ସାଜିଥିଲେ ନିକିତା। ହେଲେ ବଲିଉଡ୍‌କୁ ନେଇ ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା କେବଳ ସ୍ୱପ୍ନରେ ହିଁ ରହିଯାଇଛି।



ନିକିତା

# କେତେ ସତ କେତେ ମିଛ

ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଶୁଣିବାକୁ ମିଳୁଛି ଯେ ଏକ ନୂଆ ସିନେମା ପାଇଁ ସେ କୁଆଡ଼େ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। କେବଳ ସେତିକି ନୁହେଁ, ତାଙ୍କର ଏହି ପ୍ରସ୍ତାବରେ ପ୍ରଯୋଜକ ମଧ୍ୟ ରାଜି। କିନ୍ତୁ ଏଭଳି କଥା ଯେତେବେଳେ ତାଙ୍କ କାନରେ ପଡ଼ିଲା ସେତେବେଳେ ସେ ବା କେମିତି ଚୁପ୍ ହୋଇ ବସିଥାଆନ୍ତେ କହୁନାହାନ୍ତି ? ଶେଷରେ ବାଧ୍ୟ ହୋଇ ଏ ବିଷୟରେ ମୁହଁ ଖୋଲିଛନ୍ତି। ଏ ସମ୍ପର୍କରେ ସୋନାକ୍ଷୀ କହନ୍ତି, 'ମୋ ବିଷୟରେ ଯେଉଁ କଥା ଶୁଣିବାକୁ ମିଳୁଛି ତାହା ପଛରେ ଆଦୌ ସତ୍ୟତା ନାହିଁ। କାରଣ ଏବେ ମୁଁ ମୋ ରେମ୍ୟୁନିରେଶନ ବଢ଼ାଇନାହିଁ ଏବଂ ସେ ନେଇ କୌଣସି ଯୋଜନା ମଧ୍ୟ ନାହିଁ। ଏପରି କଥାକୁ କେହି ବିଶ୍ୱାସ କରିବା ଠିକ୍ ନୁହେଁ। ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି ଏବଂ ସେଥିରେ ମୁଁ ରାଜି ହୋଇଛି। ଏଥିରେ ମୋତେ ଦର୍ଶକ ଆକ୍ସନ ଅବତାରରେ ଦେଖିବାକୁ ପାଇବେ। ହେଲେ ଏହି ଫିଲ୍ମ ପାଇଁ ଯେ ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି ଏବଂ ସେଥିରେ ପ୍ରଯୋଜକ ରାଜି ହୋଇଛନ୍ତି–ଏକଥା ଗୁଜବ ବ୍ୟତୀତ ଆଉ କିଛି ନୁହେଁ। କାରଣ ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବାକୁ ଚାହେଁ।' ଦେଖାଯାଉ, ଆକ୍ସନ ଭୂମିକାରେ ସୋନାକ୍ଷୀ କି କମାଲ କରୁଛନ୍ତି। ସେପଟେ ସଞ୍ଜୟ ଲୀଲା ଭଁସାଲିଙ୍କର ଓଟିଟି ପ୍ରୋଜେକ୍ଟ 'ହୀରାମଣ୍ଡି'ରେ ସେ ଅଭିନୟ କରୁଛନ୍ତି। ତାଙ୍କ ବ୍ୟତୀତ ଏଥିରେ ମନୀଷା କୋଇରାଲା ଏବଂ ରିଚା ଚଢ଼ାଙ୍କୁ ମଧ୍ୟ ଦେଖିବାକୁ ମିଳିବ।



ସୋନାକ୍ଷୀ

# ଡବଲ ଖୁସି



ଦୀପିକା



ପ୍ରଭାସ

ଦୀପିକା ପାଦୁକୋନ୍‌ଙ୍କ ଖୁସି ଏବେ କହିଲେ ନ ସରେ। କାରଣ ନିକଟରେ ରିଲିଜ୍ ହୋଇଥିବା 'ପଠାନ୍' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି। ତାଙ୍କ ପାଇଁ ଏବେ ଆଉ ଏକ ଖୁସି ଖବର। ତାହା ହେଲା ସେ ଖୁବ୍ ଶୀଘ୍ର ଏକ ବିଗ ବଜେଟ୍ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। ଏହାର ଟାଇଟଲ ରହିଛି 'ପ୍ରୋଜେକ୍ଟ କେ'। ତେବେ ଏହାପଛରେ ଆଉ ଏକ କଥା ରହିଛି। ଏହି ଫିଲ୍ମରେ ଦୀପିକାଙ୍କ ନାୟକ କିଏ ସାଜୁଛନ୍ତି ଜାଣନ୍ତି ? ସାଉ୍‌ଥର ମେଗା ଷ୍ଟାର ପ୍ରଭାସ। ଯେତେବେଳେ ଦୀପିକା ଏହି ଅଫର୍‌ଟି ପାଇଲେ ସେତେବେଳେ ତାଙ୍କର ଖୁସି ବନ୍ଧବାଡ ମାନି ନ ଥିଲା। ଏ ନେଇ ସେ କହନ୍ତି, 'ପ୍ରଭାସଙ୍କ ପରି ଅଭିନେତାଙ୍କ ସହ ଆକ୍ଟିଂ କରିବାକୁ ଇଚ୍ଛା ତ ଥିଲା, ହେଲେ ସୁଯୋଗ ମିଳୁ ନ ଥିଲା। ତେଣୁ ଚାନ୍ସ ମିଳିବା ମାତ୍ରେ ତାହାକୁ ହାତଛଡା କରିବାକୁ ଚାହିଁ ନ ଥିଲି। ନୂଆ ବର୍ଷ ଆରମ୍ଭରେ ଏହା ମୋ ପାଇଁ ସବୁଠାରୁ ଖୁସି ଖବର ବୋଲି କହିବି। ଏହି ଫିଲ୍ମଟି ବକ୍ସ ଅଫିସରେ ନିଶ୍ଚୟ ରେକର୍ଡ କରିବ ବୋଲି ମୋର ଦୃଢ଼ ବିଶ୍ୱାସ।' ନାଗ ଅଶ୍ୱିନୀଙ୍କ ଏହି ଫିଲ୍ମରେ କେବଳ ପ୍ରଭାସ–ଦୀପିକା ନୁହନ୍ତି ମିଲେନିୟମ ଷ୍ଟାର ଅମିତାଭ ବଚ୍ଚନ ମଧ୍ୟ ଅଭିନୟ କରିବେ।

# ଥକି ପଡିଲେଣି ସାରା

ସୈଫ ତନୟା ସାରା ଅଲ୍ଲୀ ଖାଁ ଥକି ପଡିଲେଣି। କେତେ ଯେ ସଫେଇ ଦେବେ କହୁନାହାନ୍ତି ? କଥାକୁ ଯେତେ ସମ୍ଭବ 'ଦ ଏଣ୍ଡ' କରିବାକୁ ସେ ସିନା ଚାହୁଁଛନ୍ତି, ହେଲେ ତାହା ବୁଢ଼ିଆଣୀ ସୂତା ପରି ଲମ୍ବି ଲମ୍ବି ଚାଲିଛି। କଥା କ'ଣ କି, ସାରା କୁଆଡେ ଏବେ ପ୍ରେମରେ ଉବୁଟୁବୁ ହେଉଛନ୍ତି। ହେଲେ ତାଙ୍କର ପ୍ରେମିକ କିଏ ଜାଣନ୍ତି ? କାର୍ତ୍ତିକ ଆର୍ଯ୍ୟନ। ଏବେ ଦୁହେଁ ଗୋଟିଏ ସ୍ଥାନରେ ଉଠାଇଥିବା ନିଜର ଭିନ୍ନ ଭିନ୍ନ ଫଟୋ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। କୁହାଯାଉଥିଲା ଇମ୍‌ତିୟାଜ ଅଲ୍ଲୀଙ୍କ 'ଲଭ୍ ଆଜ୍ କଲ୍'ର ଶୁଟିଂ ସେଟରେ ଦୁହିଁଙ୍କ ଭିତରେ ପ୍ରେମ ଆରମ୍ଭ ହୋଇଥିଲା। ହେଲେ ପରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଥିଲା। କିନ୍ତୁ ଏବେ କୁଆଡେ ଦୁହେଁ ପୁଣି ଥରେ ଯୋଡି ହୋଇଯାଇଛନ୍ତି ବୋଲି ଆଲୋଚନା ହେଉଛି। ଏ ନେଇ ସାରା କହନ୍ତି, 'ଆପଣମାନେ ଯାହାସବୁ ଶୁଣିବାକୁ ପାଉଛନ୍ତି ତାହା ପଛରେ ସତ୍ୟତା ନାହିଁ। କେହି ମନରୁ ଏସବୁ ଫାନ୍ଦିକରି କହୁଛି।' ସେପଟେ ଏଭଳି କଥାକୁ ନେଇ କିଛି ପ୍ରତିକ୍ରିୟା ରଖିନାହାନ୍ତି କାର୍ତ୍ତିକ।



ସାରା



ବିଶ୍ୱରୂପ

# ବିଶ୍ୱରୂପ ଯାହା ଚାହୁଁଥିଲେ..

ଅଭିନେତା ବିଶ୍ୱରୂପ ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ଗୋଟିଏ ପଟେ ଐତିହାସିକ ଫିଲ୍ମ 'ଜୟୀ ରାଜଗୁରୁ'ର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି। ସେପଟେ ଆଉ ଏକ ନୂଆ ସିନେମାକୁ ନେଇ ବ୍ୟସ୍ତ ଅଛନ୍ତି। ଭାଇ–ଭଉଣୀର ଏକ ସତ କାହାଣୀକୁ ନେଇ ନିର୍ମିତ ହେବାକୁ ଯାଉଛି ଏହି ଚଳଚ୍ଚିତ୍ର। ଏହାର ଟାଇଟଲ ରହିଛି 'ଏମଭି–୭୯ : ସପନ କୁଣ୍ଡୁ'। ମାଲକାନଗିରିର ଏକ ଗାଁର କ୍ରମିକ ନମ୍ବର ହେଉଛି ୭୯। ସେଠାରେ ଘଟିଥିବା ଏକ ଘଟଣାକୁ ନେଇ କାହାଣୀ ରଚନା କରାଯାଇଛି। ଏହି ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଯୁବ ପ୍ରଯୋଜକ ଏ.କେ. ଦ୍ୱିବେଦୀ। ବେଶ୍ କମ୍ ବୟସ ଅର୍ଥାତ୍, ମାତ୍ର ୨୫ ବର୍ଷ ବୟସରେ ସେ ଓଡିଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଏଥିରେ ଭାଇ ଭୂମିକାରେ ବିଶ୍ୱରୂପ ଅଭିନୟ କରିବେ ଏବଂ ସେ ଏହାର ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ସଂଳାପ ଦାୟିତ୍ୱ ତୁଲାଇଛନ୍ତି ଜିତେନ୍ଦ୍ର ବରାଳ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସରୋଜକାନ୍ତ। ସୂଚନାଯୋଗ୍ୟ ବିଶ୍ୱରୂପଙ୍କ ପ୍ରଥମ ଓଡ଼ିଆ ସିନେମାର ନିର୍ଦ୍ଦେଶନା ମଧ୍ୟ ସରୋଜକାନ୍ତ ଦେଇଥିଲେ। ଏହାବ୍ୟତୀତ ତାଙ୍କ ଅଭିନୀତ 'ଜୟୀ ରାଜଗୁରୁ' ମଧ୍ୟ ରିଲିଜ ଅପେକ୍ଷାରେ ରହିଛି।

# ଏଥର ଆକ୍ସନ ଡ୍ରାମା

ରଣବୀର କପୁର ଏବେ 'ଆନିମଲ'କୁ ନେଇ ବ୍ୟସ୍ତ। କାରଣ ଏହି ଫିଲ୍ମର ଲିଡ୍ ରୋଲ୍‌ରେ ସେ ଅଭିନୟ କରୁଛନ୍ତି। ଆକ୍ସନ–ଡ୍ରାମାଭିତ୍ତିକ ଏହି ଫିଲ୍ମରେ ତାଙ୍କର ନାୟିକା ସାଜିଛନ୍ତି ରଶ୍ମିକା ମନ୍ଦାନା। ନିକଟରେ ଏହାର କିଛି ଅଂଶର ଶୁଟିଂ ପଞ୍ଜାବରେ ଶେଷ ହୋଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ସନ୍ଦୀପ ରେଡ୍ଡି ଭାଙ୍ଗା। ଏ ନେଇ ରଣବୀର କହନ୍ତି, 'ଏହି ଫିଲ୍ମରେ ଦର୍ଶକ କେବଳ ଆକ୍ସନ ହିଁ ଆକ୍ସନ ଦେଖିବାକୁ ପାଇବେ। ଗ୍ୟାଙ୍ଗଷ୍ଟର ଉପରେ ଏହାର କାହାଣୀ ଆଧାରିତ। ଏଭଳି କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ସମସ୍ତ କଳାକାର ଚେଷ୍ଟା କରୁଛନ୍ତି। ଆଶା ରଖିଛି, ଆମ ପରିଶ୍ରମର ମୂଲ୍ୟ ଦର୍ଶକ ନିଶ୍ଚୟ ବୁଝିବେ।' ଫିଲ୍ମଟିର କାହାଣୀ ରଚନା କରିଛନ୍ତି ସନ୍ଦୀପ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ହର୍ଷବର୍ଦ୍ଧନ ରାମେଶ୍ୱର। ଉକ୍ତ ଚିତ୍ରର ପ୍ରଯୋଜନା କରିଛନ୍ତି ଭୂଷଣ କୁମାର, ପ୍ରଣୟ ରେଡ୍ଡି ଭାଙ୍ଗା, କ୍ରିଷନ କୁମାର ଏବଂ ମୁରଦ ଖେତାନି। ଗତ ମାସରେ ଏହାର ପ୍ରଥମ ପୋଷ୍ଟର ରିଲିଜ ହୋଇଥିଲା। ଏଥିରେ ରଣବୀର–ରଶ୍ମିକାଙ୍କ ବ୍ୟତୀତ ଅନିଲ କପୁର ଏବଂ ବବି ଦେଓଲ, ଶକ୍ତି କପୁର ଏବଂ ସୁରେଶ ଓବରୟଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ବର୍ଷ ଅଗଷ୍ଟ ୧୧ରେ ମୁକ୍ତିଲାଭ କରିବ।



କଙ୍ଗନା

# କଙ୍ଗନାଙ୍କ ଇମରଜେନ୍ସି

କଙ୍ଗନା ରାଣାୱତଙ୍କ ଇମରଜେନ୍ସିକୁ ନେଇ ଏବେ ଚର୍ଚ୍ଚା। ତା'ହେଲେ ଏହି ଇମରଜେନ୍ସି କ'ଣ ତାହା ଜାଣିବେନି ? ଏହା ହେଉଛି ଏକ ବାୟୋପିକ୍ ଫିଲ୍ମର ଟାଇଟଲ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ୧୯୭୫ ମସିହାର ଇମରଜେନ୍ସି ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ଏକ ସିନେମା। ଏଥିରେ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଅଭିନୟ କରୁଛନ୍ତି କଙ୍ଗନା। କେବଳ ସେତିକି ନୁହେଁ, ଏହାର କାହାଣୀ ରଚନା, ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ସେ। ୨୦୨୨ ଜୁଲାଇରେ ଏହାର ଶୁଟିଂ ଆରମ୍ଭ ହୋଇ ଚଳିତ ବର୍ଷ ଜାନୁୟାରୀରେ ଶେଷ ହୋଇଛି ଏବଂ ଏବେ ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ପୁଣି ଫିଲ୍ମଟି ଏବର୍ଷ ଅକ୍ଟୋବର ୨୦ରେ ରିଲିଜ ହେବାର ଯୋଜନା ରହିଛି। ଏଥିରେ ଜୟପ୍ରକାଶ ନାରାୟଣ ଭୂମିକାରେ ଦେଖାଦେବେ ଅନୁପମ ଖେର। ଏମାନଙ୍କ ବ୍ୟତୀତ ଶ୍ରେୟାସ ତଲପାଡେ, ମହିମା ଚୌଧୁରୀ, ମିଲନ୍ଦ ସୁମନ ଏବଂ ସତୀଶ କୌଶିକ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ଜି.ଭି. ପ୍ରକାଶ କୁମାର ଗୀତଗୁଡିକର ସ୍ୱର ଦେଇଛନ୍ତି। ତେବେ ମଣିକର୍ଣ୍ଣିକା ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

## ପ୍ରଥମ ରୋଜଗାର

# ପ୍ରଥମ ଉପାର୍ଜିତ ଅର୍ଥରେ ମିଠା କିଣିଥିଲି



ଗାଳ୍ପିକ, ନାଟ୍ୟକାର ତଥା ଶିକ୍ଷାବିତ୍ ଡ. ସୁଦର୍ଶନ ବାରିକ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଭଦ୍ରକ ଜିଲ୍ଲାର ବଳାଜିତପଡା ଗାଁରେ ମୋ ଜନ୍ମ। ଅର୍ଣ୍ଣପାଳସ୍ଥ ଓକରା ହାଇସ୍କୁଲରେ ମାଟ୍ରିକ ଯାଏଁ ପଢିଥିଲି। ଆମ ସ୍କୁଲରେ ପ୍ରତିବର୍ଷ ଡ୍ରାମା ହୁଏ। ଏହି ଡ୍ରାମା ହିଁ ମୋ କଳାକାର ଜୀବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା। ସେଇଦିନୁ ସଙ୍ଗୀତ ଓ ନାଟକ ପ୍ରତି ଆକୃଷ୍ଟ ହୋଇ ଏଯାବତ ପ୍ରାୟ ତିରିଶିଟି ମଞ୍ଚ ନାଟକରେ ଅଭିନୟ କରିସାରିଲିଣି। ଏପରିକି ଆକାଶବାଣୀ ତରଫରୁ କେତୋଟି ନାଟକ ସହିତ ଦୂରଦର୍ଶନର କେତୋଟି ଟେଲି ସିରିୟଲ୍‌ରେ ବି ଅଭିନୟ କରିଛି। ଅଭିନୟ ସାଙ୍ଗକୁ ଜଣେ ଅଧ୍ୟାପକ ହୋଇ ଜୀବନରେ ଅନେକ ଅର୍ଥ ଉପାର୍ଜନ କରିଥିଲେ ହେଁ ପ୍ରଥମ ଉପାର୍ଜନର ଅନୁଭୂତି ଥିଲା ସ୍ୱତନ୍ତ୍ର। ଏହା ଥିଲା ୧୯୭୧ ମସିହାର କଥା। ମାଟ୍ରିକ ପରୀକ୍ଷା ପରେ ପକେଟ୍ ଖର୍ଚ୍ଚରୁ ସଞ୍ଚିତ ଅର୍ଥରେ ବେଞ୍ଜୁଟିଏ କିଣି ବଜେଇବା ଅଭ୍ୟାସ କଲି। ଆଗରୁ ହାର୍‌ମୋନିୟମ ଶିଖିଥିବାରୁ, ବେଞ୍ଜୁ ବଜେଇବା ମୋ ପାଇଁ ସହଜ ହୋଇଥିଲା। ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ର ଗୀତର ସ୍ୱରକୁ ନିର୍ଭୁଲ ଭାବରେ ବଜାଇ ପାରୁଥିଲି। ଥରେ ଆମ ଗାଁଠାରୁ ୧୫ କି.ମି ଦୂରରେ ଡ୍ରାମା ହେଉଥିଲା। ସେଇ ଡ୍ରାମାର ଆୟୋଜକମାନେ ତାଙ୍କ ଡ୍ରାମାରେ ବେଞ୍ଜୁ ବଜାଇବାକୁ ମୋତେ କହିଲେ। ମୁଁ କହିଲି, ମା'ବାପା କେବେବି ରାଜି ହେବେନି ରାତି ଅନିଦ୍ରା ହୋଇ ବେଞ୍ଜୁ ବଜାଇବାକୁ। ତେଣୁ ସେମାନେ ମା'ଙ୍କୁ କହିଲେ, ମା' ରାଜି ନ ହେବାରୁ ବାପାଙ୍କୁ ଅନୁରୋଧ କଲେ। ବାପା ଯେହେତୁ ଜଣେ କଳାକାର ଥିଲେ, ସେମାନଙ୍କ ବ୍ୟାକୁଳତା ଦେଖି ଗୋଟିଏ ସର୍ତ୍ତ ରଖି ରାଜିହେଲେ। ସର୍ତ୍ତଟି ଥିଲା, ସେମାନେ ମୋତେ ଘରୁ ନେବେ ଓ ପୁଣି ଆଣି ଛାଡ଼ିବେ। ସର୍ତ୍ତରେ ରାଜି ହୋଇ ନିର୍ଦ୍ଦିଷ୍ଟ ଦିନରେ ସେମାନେ ଆସି ମୋତେ ନେଇଗଲେ। ଡ୍ରାମା ସରିଲା ପରେ ୫୦ ଟଙ୍କା ମୋ ହାତରେ ଗୁଞ୍ଜି ଦେଇ ମୋତେ ଛାଡିବାକୁ ଆସିଲେ। ଫେରିବା ବାଟଯାକ ସେହି ନୋଟଟିକୁ ଏପଟସେପଟ କରି ଦେଖୁଥାଏ। କେତେବେଳେ ଉତ୍‌ଫୁଲ୍ଲିତ ହେଉଥାଏ ତ ପୁଣି କେତେବେଳେ ଚିନ୍ତାମଗ୍ନ ହେଉଥାଏ। ଉତ୍‌ଫୁଲ୍ଲିତ ଏଇଥିପାଇଁ କାରଣ ଜୀବନର ପ୍ରଥମ ଉପାର୍ଜନକୁ ହାତରେ ଧରିଥାଏ। ହେଲେ ସେହି ଟଙ୍କାକୁ ନେଇ କ'ଣ କରିବି ସେଥିପାଇଁ ଚିନ୍ତା ବି କରୁଥାଏ। ଏମିତି ଭାବନାର ବୁଢିଆଣୀ ଜାଲ ଭିତରେ ଛନ୍ଦି ହୋଇଥିଲାବେଳେ, ଆମ ଗାଁଛକ ମିଠା ଦୋକାନ ପଡ଼ିଥିଲା। ସେଠୁ ୫୦ ଟଙ୍କାର ମିଠା କିଣି ସିଧା ଘରକୁ ଯାଇ ମା'କୁ ଧରେଇଦେଲି। ବାପା ଆସିଲା ପରେ ମା' ସେହି ମିଠାକୁ ନେଇ ବାପାଙ୍କୁ ଧରେଇ ଦେଇ କହିଲା, ନିଅ ତୁମ ପୁଅର ପ୍ରଥମ ରୋଜଗାର। ବାପା ଏକଥା ଶୁଣି ବହୁତ ଖୁସି ହେଲେ ଆଉ ଘରର ସମସ୍ତଙ୍କୁ ମିଠା ବାଣ୍ଟିଥିଲେ। ଆଜି ବି ପଚାଶ ଟଙ୍କିଆ ନୋଟ୍‌ଟିଏ ଦେଖିଲେ, ସେଦିନର ଘଟଣାସବୁ ପୁଣିଥରେ ଆଖିଆଗରେ ନାଚିଉଠେ। ତେବେ ଏହି ଟିକକ ଖୁସି ମୋତେ ଅନେକ ପ୍ରେରଣା ଦେଇଛି ଜୀବନ ପଥରେ ଆଗେଇ ଯିବାକୁ। ସେଥିପାଇଁ ଅଧ୍ୟାପନା ସହିତ ଗପ, କବିତା, ନାଟକ ଲେଖିବା ସଙ୍ଗେସଙ୍ଗେ ଅନେକ ନାଟକରେ ନିର୍ଦ୍ଦେଶନା ମଧ୍ୟ ଦେଇଛି। 'ଶେଷ ଦେଖା' ହେଉଛି ମୋର ଏକ ଗଳ୍ପ ସଂକଳନ। ମୋ ଲିଖିତ 'କାର୍ଗିଲ: କିଛି ସ୍ମୃତି କିଛି ଅନୁଭୂତି' ନାଟକଟି ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ତରଫରୁ ରବୀନ୍ଦ୍ରମଣ୍ଡପରେ ମଞ୍ଚସ୍ଥ ହୋଇ ଏକଦା ଦର୍ଶକଙ୍କର ବହୁ ପ୍ରଶଂସା ସାଉଁଟିଥିଲା। ସେହିପରି ମୋ ରଚନା ଓ ନିର୍ଦ୍ଦେଶନାରେ ପ୍ରସ୍ତୁତ ପଥପ୍ରାନ୍ତ ନାଟକ 'ଆମେ ସବୁ ଅନ୍ଧ ଥିଲୁ' ଭଦ୍ରକ ଜିଲାର ବିଭିନ୍ନ ପଞ୍ଚାୟତରେ ମଞ୍ଚସ୍ଥ ହୋଇ ସାକ୍ଷରତା ଅଭିଯାନ ଉପରେ ଅନେକ ସଚେତନତା ସୃଷ୍ଟି କରିଥିଲା। କେବଳ ସେତିକି ନୁହେଁ ଚାକିରି କରିବା ସମୟରେ ବୃକ୍ଷରୋପଣ, ନିଶାନିବାରଣ, ଯୌତୁକ ପ୍ରଥାର ଦୂରୀକରଣ, ପରିବେଶ ସୁରକ୍ଷା, ସାମ୍ପ୍ରଦାୟିକ ସଦ୍‌ଭାବ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଉପରେ ମଧ୍ୟ ଅନେକ ପଥପ୍ରାନ୍ତ ନାଟକ କରି ଜନ ସଚେତନତା ସୃଷ୍ଟି କରିବାକୁ ଚେଷ୍ଟା କରୁଥିଲି ଆଉ ଏବେ ବି କରୁଛି। ତା'ଛଡ଼ା ଚାକିରିରୁ ଅବସର ନେବା ପରେ କିଛିଦିନ ଭଦ୍ରକ ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରିବା ସହ ଭଗବାନଙ୍କୁ ମଧ୍ୟ କୃତଜ୍ଞତା ଜଣାଉଛି।

# କାହାଣୀ ଅଧା, ସପନ ଅଧା, କେବେ ଆସିବ ମୋ ମନର ରାଧା

**ପ୍ରଶ୍ନ**—ଜଣେ ସୁନ୍ଦରୀ ମୋ ସପନରେ ଆସୁଛି। ହେଲେ ସେହି ଝିଅକୁ ମୁଁ ବାସ୍ତବରେ କେମିତି ପାଇବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ?

*–ଜୀବନ ସାହୁ, ପାରାଦୀପ*

**ଉତ୍ତର:** ଆପଣ ବୋଧହୁଏ ସପନ ରାଇଜରେ ଏବେ ବି ଘୁରି ବୁଲୁଛନ୍ତି। ସ୍ୱପ୍ନ ଆଉ ବାସ୍ତବତା ଦୁଇଟି ଅଲଗା ଜିନିଷ। ରଙ୍ଗୀନ ସ୍ୱପ୍ନରେ ନାୟିକାଟିଏ ଉଭାହେଲେ ମନରେ ଅନେକ କାହାଣୀ ଉଙ୍କି ମାରେ। ହେଲେ ଆପଣଙ୍କୁ ସବୁ କିଛି ଅଧା ଅଧା ଲାଗୁଛି। 'କାହାଣୀ ଅଧା, ସପନ ଅଧା, କେବେ ଆସିବ ମୋ ମନର ରାଧା।' ଯଦି ବାସ୍ତବରେ ସେପରି ସ୍ୱପ୍ନ ସୁନ୍ଦରୀ ଦେଖୁଛନ୍ତି ଆଉ ପାଣିପାଗ ଠିକ୍ ରହିଛି ; ତେବେ ପ୍ରପୋଜ କରିବାକୁ ଚେଷ୍ଟା କରନ୍ତୁ। ଯଦି ବହି ଫିଟ୍ ହୋଇଗଲା ତା'ପରେ ଖାଲି ସୋନେପେ ସୁହାଗା।

**ପ୍ରଶ୍ନ**—ଯାହାକୁ ମୁଁ ମନ ପ୍ରାଣ ଦେଇ ଭଲ ପାଉଛି ସେ ବେଳେବେଳେ ମୋ ସହ ନଖରାମୀ କରୁଛି। ତାକୁ କେମିତି ମନାଇବି କହିବେ କି ସାଥୀ ?

*–ତପନ କୁମାର, ପୁରୀ*

**ଉତ୍ତର:** ପ୍ରେମ ଆଉ ନଖରାମି– ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭାବରେ ନେଇପାରନ୍ତି। କାରଣ ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ତାହାକୁ ହାଲ୍‌କା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି, ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ। ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା ଲାଗିଥାଏ। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**—ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ତାକୁ ପ୍ରେମିକା ଭାବରେ ଗ୍ରହଣ କରିବା ଠିକ୍ ହେବ କି ?

*–ଅମିତ ରାଉତ, ରାଉରକେଲା*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ତ ନିଜର ହେଲା ନାହିଁ। ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଏହି ପ୍ରେମ ଆଗକୁ ଆଗାଏ, ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ସାଙ୍ଗ ଅର୍ଥାତ୍, ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମ୍‌ନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ।

**ପ୍ରଶ୍ନ**—ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*–ଦୀପକ ଦାସ, ଅନୁଗୋଳ*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବାର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ଆଉ ନିଜ ପ୍ରେମିକା ଉପରେ ବି ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !



ସାଥୀ

ମଡେଲ୍: ସ୍ୱତନ୍ତ୍ର, ପ୍ରୀତି
ଫଟୋଗ୍ରାଫି: ବଦ୍ରି ପଣ୍ଡା
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା



# ଅଜବ ମୋବାଇଲ୍ କଭର୍



ମୋବାଇଲ ଆମ ଜୀବନର ଏମିତି ଏକ ଅଂଶ ପାଲଟିଯାଇଛି ଯେ, ଏହାଠୁ ଘଡିଏ ଦୂରେଇ ରହିବା କଷ୍ଟକର ହୋଇଯାଉଛି। ଆଉ ଏହାର କିଛି କ୍ଷତି ହୋଇଗଲେ ତ ଭାରି ବାଧେ। ତେଣୁ ଏହା ଯେମିତି ସୁରକ୍ଷିତ ରହିବ ସେଥିଲାଗି ସମସ୍ତେ ଦାମୀ ମୋବାଇଲ୍ କଭର୍ ଲଗାଇଥାନ୍ତି। ତେବେ ଜାଣନ୍ତି କି ଏମିତି ବି କିଛି ମୋବାଇଲ କଭର୍ ଅଛି ଯାହା ଦେଖିବାକୁ ଏତେ ଅଜବ ଯେ, ପ୍ରଥମ ଦେଖାରେ ଜାଣି ହେବନି ତାହା ମୋବାଇଲ କଭର୍ ବୋଲି...







**ନୋଷ୍ଟ୍ରିଲ ମୋବାଇଲ୍ କଭର୍:** ମଣିଷର ନାକ ପରି ଦେଖାଯାଉଥିବା ଏହି ଜିନିଷଟି ଏକ ଆଇଫୋନ୍ ମୋବାଇଲ୍ କଭର୍। କଥା ହେବାବେଳେ ଏହାର ଦୁଇ ନାକ ପୁଡା ଭିତରେ ଆଙ୍ଗୁଳି ପୁରାଇ ମୋବାଇଲ୍‌କୁ ଭଲଭାବେ ଧରିହେବ। ତା' ଭିତରେ ଇୟର ବଡ୍‌ସ ବି ରଖିପାରିବେ।

**ଷ୍ଟିକ୍ ଆଇସକ୍ରିମ୍/ପପ୍‌ସିକଲ୍ ମୋବାଇଲ କଭର୍:** ଯେଉଁମାନଙ୍କୁ ଆଇସକ୍ରିମ ଭଲଲାଗେ ସେମାନେ ଏହାକୁ ଦେଖିବାମାତ୍ରେ ପାଟିରୁ ଲାଳ ଗଡାଇବେ।











ସତସତିକା ପପ୍‌ସିକଲ୍ ବା ଷ୍ଟିକ୍ ଆଇସ୍‌କ୍ରିମ ପରି ଦେଖାଯାଉଥିବା ଏହି ଜିନିଷଟି କିନ୍ତୁ ପ୍ରକୃତରେ ଏକ ମୋବାଇଲ୍ କଭର୍। ଏହାର ଉପରଭାଗର ଏକ ପାର୍ଶ୍ୱରୁ କିଛି ଅଂଶ ଖାଇବା ପରି ଦେଖାଯାଏ। ତେବେ ଏହି ଡିଜାଇନ୍ ଏଇଥିପାଇଁ କରାଯାଇଛି ଯେମିତିକି ଫୋନ୍‌ର କ୍ୟାମେରା ଘୋଡେଇ ନ ହୁଏ।

**ହେୟାର ବ୍ରଶ୍ କଭର୍:** ସେଲ୍ଫି ନେବା ପାଇଁ ଏହି ମୋବାଇଲ୍ କଭର୍ ପରଫେକ୍ଟ। କାରଣ ସେଲ୍ଫି ନେବା ପୂର୍ବରୁ କେଶ ସଜାଡିବା ଓ ସଜବାଜ ହେବା ଲାଗି ଏଥିରେ ବ୍ୟବସ୍ଥା ଅଛି। ଏହା ହେଉଛି ଏକ ହେୟାର ବ୍ରଶ ମୋବାଇଲ୍ କଭର୍। ଖାସ୍‌କରି ଆଇଫୋନ୍ ପାଇଁ ଉଦ୍ଦିଷ୍ଟ ଏହି କଭର୍‌ର ଗୋଟିଏ ପାର୍ଶ୍ୱରେ ହେୟାର୍ ବ୍ରଶ୍ ଥିବାବେଳେ ଅନ୍ୟ ପାର୍ଶ୍ୱରେ ଫୋନ୍ କେସ୍ ଅଛି। ସେଲ୍ଫି ନେବା ପୂର୍ବରୁ ମୁହଁକୁ ସଜାଇବା ପାଇଁ ମୋବାଇଲ କେସ୍ ପାଖରେ ଏକ ମିରର୍ ବି ଅଛି।

**ମଣିଷ କାନ ପରି କଭର୍:** ଏହି ମୋବାଇଲ୍ କଭର୍ ଦେଖିବାକୁ ମଣିଷର କାନ ପରି। ଏହା ମୋବାଇଲ୍‌କୁ ସୁରକ୍ଷିତ ରଖେ ସତ। ହେଲେ କଥା ହେବାବେଳେ ଏହି ବଡ କାନର କଭର୍ ବେଶ୍ ଅଜବ ଦେଖାଯାଏ।

**ଫ୍ରାଇଡ୍ ଚିକେନ୍ ମୋବାଇଲ୍ କଭର୍:** ଆମେରିକୀୟ ବ୍ୟବସାୟୀ କୋଲୋନେଲ ସାଣ୍ଡର୍ସଙ୍କ ଜନ୍ମ ଦିବସ ପାଳନ ଅବସରରେ ଜାପାନରେ କେଏଫ୍‌ସି ଦେଇଥିଲା ଫ୍ରାଇଡ୍ ଚିକେନ୍ ଲେଗ୍ ପିସ୍ ପରି ଦେଖାଯାଉଥିବା ଆଇଫୋନ୍ କେସ୍। ଏହି ଫୋନ୍ କଭର୍‌ର ଆକାର ଥିଲା ଖୁବ୍ ବଡ। ଆଉ କଥା ହେବାବେଳେ କାନ ପାଖରେ ଏତେ ବଡ ଫ୍ରାଇଡ ଚିକେନ ମୋବାଇଲ୍ କଭର୍ ବେଶ୍ ଅଜବ ଲାଗୁଥିଲା।

**ଆଇସୋପଡ୍ ମୋବାଇଲ୍ କଭର୍:** ଜାପାନରେ ଆଇସୋପଡ (ଏକ ସାମୁଦ୍ରିକ ପ୍ରାଣୀ) କୁ ସୁନ୍ଦର ମନେ କରନ୍ତି। ବହୁତ ଭଲ ବି ପାଆନ୍ତି। ତେଣୁ ଏଠାରେ ମିଳେ ଏହି ଆଇସୋପଡ ପରି ମୋବାଇଲ୍ କଭର୍। ଏଥିରେ ଫୋନ୍ ସମ୍ପୂର୍ଣ୍ଣ ସୁରକ୍ଷିତ ରହେ। ହେଲେ ଏକ ପୋକ ପରି ମୋବାଇଲ କଭର୍ ବହୁତ ଅଜବ ଲାଗେ।

**ଖାଦ୍ୟ ପ୍ଲେଟ୍ ମୋବାଇଲ୍ କଭର୍:** ଏହି ମୋବାଇଲ କଭରକୁ ଓଲଟାଇ ରଖିଦେଲେ ଲାଗିବ ସତେ ଯେମିତି କିଏ ପ୍ଲେଟ୍‌ରେ ସୁସ୍ୱାଦୁ ଖାଦ୍ୟ ପରଷି ଦେଇଛି। ତେଣୁ ଏହା ଖାଦ୍ୟ ପ୍ରିୟ ଲୋକଙ୍କୁ ବେଶ୍ ଭଲ ଲାଗିବ।

**କ୍ୟାସେଟ୍ ମୋବାଇଲ୍ କଭର:** କିଛି ବର୍ଷ ପୂର୍ବେ ଗୀତ ଶୁଣିବା ପାଇଁ କ୍ୟାସେଟ୍‌ର ବ୍ୟବହାର କରାଯାଉଥିଲା। ଏବେ ତ ଆଉ ଏହାର ବ୍ୟବହାର ନାହିଁ। ତେବେ କ୍ୟାସେଟ୍ ପରି ଦେଖାଯାଉଥିବା ମୋବାଇଲ୍ କଭର୍ କିନ୍ତୁ ଅଛି।

**ଲୋବଷ୍ଟର ମୋବାଇଲ୍ କଭର:** ଏହି ମୋବାଇଲ୍ କଭର୍ ଦେଖିବାକୁ ପୂରାପୁରି ସାମୁଦ୍ରିକ ଜୀବ ଲୋବଷ୍ଟର ପରି। ଏଥିରେ ମୋବାଇଲ୍ ରଖି କଥା ହେବାବେଳେ ସତସତିକା ଲୋବଷ୍ଟର ଧରି ଥିବା ଭଳି ଲାଗିବ। କେହି କେହି ଏହାକୁ ଦେଖି ଡରିଯିବେ ମଧ୍ୟ।

# ମଡେଲ୍ ମିରର୍



ସେଲିନା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

## ହାଃ ହାଃ

### ସମ୍ଭାଳିବା

ରାଜେଶ ପିଣ୍ଟୁକୁ- କହିପାରିବୁକି ସରକାର ଭୋଟ ଦେବା ବୟସ ୧୮ ଓ ବିବାହ ବୟସ ୨୧ ବର୍ଷ କାହିଁକି କରିଛନ୍ତି ?
ପିଣ୍ଟୁ- ଏଇଟା ତ ପୂରା ସହଜ ପ୍ରଶ୍ନ।
ରାଜେଶ-ତା’ ହେଲେ କହିଲୁ।
ପିଣ୍ଟୁ- ସରକାର ବି ଜାଣିଛନ୍ତି ଦେଶ ସମ୍ଭାଳିବା ସହଜ ହେଲେ ସ୍ତ୍ରୀ ସମ୍ଭାଳିବା ନୁହେଁ।


### ପ୍ରାର୍ଥନା

ଶିକ୍ଷକ ପିଲାଙ୍କୁ- ଈଶ୍ୱରଙ୍କୁ ହୃଦୟରୁ ସ୍ମରଣ କର। ଦେଖିବ ସେ ତୁମର ମନୋସ୍କାମନା ନିଶ୍ଚୟ ପୂରଣ କରିବେ।
ଚିଣ୍ଟୁ- ସାର୍ କାହିଁକି ମିଛ କଥା କହୁଛନ୍ତି। ଏମିତି ହେଇଥିଲେ ତ ଆପଣ ମୋର ସାର୍ ନ ହୋଇ କେବେଠୁ ଶ୍ୱଶୁର ହୋଇଥାଆନ୍ତେ।

### ଅନ୍ତର


ମୋହନ ପପୁକୁ- କହିଲୁ ଦେଖି ମା’ ଓ ସ୍ତ୍ରୀ ଭିତରେ ଅନ୍ତର କ’ଣ ?
ପପୁ- ମା’ କଥା କହିବା ଶିଖାଏ। ଆଉ ସ୍ତ୍ରୀ ଚୁପ୍ ରହିବା...।

# କର୍ନାଟକର ରେଶମ ସହର
# ରାମନଗର









କର୍ନାଟକର ରାମନଗର ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ସହର ହେଉଛି ରାମନଗର। ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ରାମନଗରା ବୋଲି ବି କହିଥାନ୍ତି। ଏହା ଜିଲାର ମୁଖ୍ୟାଳୟ ମଧ୍ୟ। ବେଙ୍ଗାଲୁରୁଠାରୁ ପ୍ରାୟ ୫୦ କି.ମି ଦୂରରେ ଥିବା ଏହି ସହରଟି ରେଶମ ଉତ୍ପାଦନ ପାଇଁ ବେଶ୍ ପ୍ରସିଦ୍ଧ। ସେଥିପାଇଁ ରାମନଗରକୁ ଅନେକେ କର୍ନାଟକର ରେଶମ ସହର ବୋଲି ବି ସମ୍ବୋଧନ କରିଥାନ୍ତି। କେବଳ ରେଶମ ନୁହେଁ ଗ୍ରାନାଇଟ୍ ଉତ୍ପାଦନ ବି ଏଠି ବେଶ୍ ଭଲ ହୋଇଥାଏ। ଏଠାକାର ଆଖପାଖ ଅଞ୍ଚଳରେ ବହୁ ଉଚ୍ଚଉଚ୍ଚ ଗ୍ରାନାଇଟ୍ ପାହାଡ଼ ଦେଖିବାର ଆନନ୍ଦ ପର୍ଯ୍ୟଟକ ଲଭିପାରିବେ। ଏଥିସହିତ ନିକଟବର୍ତ୍ତୀ ସ୍ଥାନରେ ଥିବା ବହୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବି ବୁଲିବାର ମଜା ନେଇପାରିବେ।

### ଫିଲ୍ମରେ ରାମନଗରର ଦୃଶ୍ୟ

ପ୍ରସିଦ୍ଧ ବଲିଉଡ୍ ଫିଲ୍ମ 'ଶୋଲେ'ର କେତେକ ଦୃଶ୍ୟର ଶୁଟିଂ ଏହି ରାମନଗର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ପାହାଡଗୁଡ଼ିକରେ ହୋଇଥିଲା ବୋଲି ସୂଚନା ରହିଛି। ସେଥିପାଇଁ ସ୍ଥାନୀୟ ଅଞ୍ଚଳରେ ଥିବା ପାହାଡଗୁଡ଼ିକୁ ଅନେକେ ଶୋଲେ ପାହାଡ ବୋଲି ବି ସମ୍ବୋଧନ କରିଥାନ୍ତି।

### ଅର୍ଥନୀତି

ଏହି ସହରର ଅର୍ଥନୀତି ମୁଖ୍ୟତଃ ରେଶମ ଓ ଗ୍ରାନାଇଟ୍ ଉତ୍ପାଦନ ଉପରେ ହିଁ ନିର୍ଭର କରିଥାଏ। ସୂଚନାନୁଯାୟୀ, ପ୍ରତିଦିନ ଏହି ସହରରୁ କୁଆଡ଼େ ପ୍ରାୟ ୫୦ ଟନ୍ ରେଶମ କୋକୁନ୍ ଉତ୍ପାଦିତ ହୋଇଥାଏ।

### କ'ଣ ଦେଖିବେ

ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଏଠାକାର ପାହାଡିଆ ଅଞ୍ଚଳରେ ବୁଲି ନିଆରା ଆନନ୍ଦ ଲଭିବା ସହିତ ଏଠାରେ ରେଶମ ଉତ୍ପାଦନ କିପରି ହେଉଛି ସେ ସମ୍ପର୍କରେ ମଧ୍ୟ ଅନେକ ତଥ୍ୟ ଜାଣିବାର ସୁଯୋଗ ପାଇପାରିବେ। କେବଳ ସେତିକି ନୁହେଁ, ରାମନଗରର ନିକଟବର୍ତ୍ତୀ ଅଞ୍ଚଳରେ ଥିବା କେତେକ ପର୍ଯ୍ୟଟନସ୍ଥଳୀ ଆଡ଼େ ବି ବୁଲିଯାଇପାରିବେ। ଯେମିତିକି:


* **ରେଭାନାସିଦ୍ଧେଶ୍ୱର ବେଟ୍ଟା:** ଏହା ହେଉଛି ଏକ ଶୈବପୀଠ। ସମୁଦ୍ରପତ୍ତନରୁ ପ୍ରାୟ ୩,୦୬୬ ଫୁଟ ଉଚ୍ଚତାରେ ଥିବା ଏକ ପାହାଡ଼ ଉପରେ ରହିଛି ଏହି ମନ୍ଦିରଟି। ରାମନଗରଠାରୁ ଏହା ପ୍ରାୟ ୧୫ କି.ମି ଦୂରରେ ଅବସ୍ଥିତ।
* **ମେକେଦାଟୁ:** ଏହା କର୍ନାଟକର ଚାମରାଜନଗର ଜିଲା ଓ ରାମନଗର ଜିଲାର ସୀମାରେ ଅବସ୍ଥିତ ଏପରି ଏକ ସ୍ଥାନ ; ଯେଉଁଠି କାବେରୀ ନଦୀ ଏକ ଆବଡ଼ାଖାବଡ଼ା ଘାଟି ରାସ୍ତା ଦେଇ ପ୍ରବାହିତ ହୋଇଥାଏ। କିନ୍ତୁ ଏଠାକାର ପ୍ରାକୃତିକ ଦୃଶ୍ୟ ଦେଖିବାକୁ ବେଶ୍ ମନୋରମ ଲାଗିଥାଏ।
* **କାନ୍‌ଭା ରିଜରଭର୍:** ଏହା ହେଉଛି ସ୍ଥାନୀୟ ଅଞ୍ଚଳରେ ଥିବା ଏକ କୃତ୍ରିମ ହ୍ରଦ। ପର୍ଯ୍ୟଟକ ଏଠାକୁ ମୁଖ୍ୟତଃ ପିକ୍‌ନିକ୍ କରିବାକୁ ଆସିଥାନ୍ତି।
* **ଟ୍ରେକିଂର ମଜା ନିଆରା:** ଏଠାରେ ଯେହେତୁ ଅନେକ ପାହାଡ଼ ଥିବାର ଦେଖାଯାଏ, ତେଣୁ ପର୍ଯ୍ୟଟକ ଚାହିଁଲେ ଏଠି ଟ୍ରେକିଂର ମଜା ମଧ୍ୟ ନେଇପାରିବେ।

### କେବେ ଓ କେମିତି ଯିବେ

ବର୍ଷକ ବାରମାସ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ ବର୍ଷାଦିନକୁ ଛାଡ଼ି ବାକି ଅନ୍ୟଦିନରେ ଏଠାକୁ ବୁଲିଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ବିଶେଷକରି ପର୍ଯ୍ୟଟକ ଚାହିଁଲେ ବେଙ୍ଗାଲୁରୁରୁ ଏଠାକୁ ଟ୍ରେନ୍ ହେଉ ଅବା ଟୁରିଷ୍ଟ ବସ୍‌ରେ ଆରାମରେ ଯାଇପାରିବେ। ଏଥିସହିତ ଦେଶର ବିଭିନ୍ନ ସ୍ଥାନରୁ ବି ରାମନଗରକୁ ଯିବା ପାଇଁ ଟୁରିଷ୍ଟ ବସ୍‌ର ବ୍ୟବସ୍ଥା ରହିଥିବା ସୂଚନା ରହିଛି।



# କାହିଁକି ପିନ୍ଧାଯାଏ ଝୁଣ୍ଟିଆ







**ପାଦ ଆଙ୍ଗୁଳିରେ ପିନ୍ଧାଯାଉଥିବା ଝୁଣ୍ଟିଆ କେବଳ ନାରୀ ବିବାହିତା ହେବାକୁ ଦର୍ଶାଏ ନାହିଁ, ଏହା ସହିତ ବିଜ୍ଞାନ ମଧ ଜଡିତ ରହିଛି। ଯାହା ସମ୍ପର୍କରେ ସବୁ ନାରୀ ଜାଣିବା ଜରୁରୀ..**

ଝୁଣ୍ଟିଆ ପିନ୍ଧିବା ପରମ୍ପରା ଏବେକାର ନୁହେଁ, ବହୁ ପୁରୁଣା ଏହାର ଇତିହାସ। କୁହାଯାଏ ଲଙ୍କାର ରାଜା ରାବଣ ଯେବେ ମାତା ସୀତାଙ୍କୁ ଅପହରଣ କରି ନେଇଯାଉଥିଲେ, ମାତା ସୀତା ନିଜର ଝୁଣ୍ଟିଆ ଖୋଲି ପକାଇ ଦେଇଥିଲେ। ଯେମିତିକି ତାଙ୍କୁ ଖୋଜିବା ରାମଚନ୍ଦ୍ରଙ୍କ ପାଇଁ ସହଜ ହେବ। ଏଣୁ କୁହାଯାଇପାରେ ହିନ୍ଦୁଧର୍ମରେ କାହିଁ କେବେଠୁ ଝୁଣ୍ଟିଆ ବିବାହିତାନାରୀଙ୍କ ଶୃଙ୍ଗାରର ମୁଖ୍ୟ ଅଂଶ ହୋଇ ରହି ଆସିଛି। ପାଦର ଦ୍ୱିତୀୟ ଆଙ୍ଗୁଳିରେ ଏହାକୁ ପିନ୍ଧାଯାଏ। ଆଉ ଖାସ୍‌କରି ବିବାହ ପରେ ରୂପା ଝୁଣ୍ଟିଆ  ପାଦର ବଡ ଆଙ୍ଗୁଳି ପରେ ଥିବା ଦୁଇଟି ଆଙ୍ଗୁଳିରେ ପିନ୍ଧାଯାଏ। ଏହାଦ୍ୱାରା ବୈବାହିକ ଜୀବନ ସୁଖମୟ ହୁଏ ବୋଲି ବିଶ୍ୱାସ ରହିଛି। ତା’ସହ ଏହାବି ଧରାଯାଏ ଯେ, ଝୁଣ୍ଟିଆ ମା’ ଲକ୍ଷ୍ମୀଙ୍କୁ ଆକର୍ଷିତ କରେ। ତେଣୁ ବିବାହ ପରେ ଏହାକୁ ପିନ୍ଧିବା ଅନିବାର୍ଯ୍ୟ ବୋଲି ହିନ୍ଦୁଧର୍ମରେ ମାନ୍ୟତା ରହିଛି। ଏହି ଝୁଣ୍ଟିଆ ସହ ସ୍ୱାସ୍ଥ୍ୟ ଓ ବିଜ୍ଞାନ ବି ଜଡିତ ଅଛି। ଆୟୁର୍ବେଦ ଅନୁସାରେ ହୃତ୍‌ପିଣ୍ଡ ଓ ଗର୍ଭାଶୟ ସହ ପାଦର ଦ୍ୱିତୀୟ ଅଙ୍ଗୁଳିର ଶିରାର ସଂଯୋଗ ରହିଛି। ତେଣୁ ଯେବେ ଝୁଣ୍ଟିଆ ପିନ୍ଧାଯାଏ ତାହାଦ୍ୱାରା ପାଦ ଆଙ୍ଗୁଳି ଚାପି ହେବା ସହ ସେହି ଶିରାରେ ବି ଚାପ ପଡେ। ଯାହାକି ଆକ୍ୟୁପ୍ରେସର୍‌ର କାମ କରିଥାଏ।  ଫଳରେ ମହିଳାଙ୍କର ରକ୍ତଚାପ ନିୟନ୍ତ୍ରଣରେ ରହେ। ତା’ସହ ରକ୍ତର ପ୍ରବାହ ଭଲଭାବେ ହୁଏ। ଋତୁସ୍ରାବ ନିୟମିତ ଭାବେ ହୁଏ। ଆଉ ଗର୍ଭାଶୟ ବି ସୁସ୍ଥ ରହେ। ଏହାବାଦ ଝୁଣ୍ଟିଆ ଏମିତି କିଛି ଶିରା ଉପରେ ବି ଚାପ ପକାଏ ଯାହା ମହିଳାଙ୍କ ପ୍ରଜନନ କ୍ଷମତାକୁ ପ୍ରଭାବିତ କରିଥାଏ। ତେବେ କେବଳ ରୂପା ଝୁଣ୍ଟିଆ ପିନ୍ଧିବା ପଛରେ ବି ଅନେକ କାରଣ ଅଛି। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ରୂପା ଆମ ଶରୀରରୁ ନକରାତ୍ମକ ଉର୍ଜାକୁ ଅବଶୋଷିତ କରିନିଏ ଓ ସକରାତ୍ମକ ଉର୍ଜାକୁ ବଢାଇଥାଏ। ଏହା ଶରୀରକୁ ଶୀତଳତା ବି ପ୍ରଦାନ କରେ।



# ନିଶଦାଢିର ଶୃଙ୍ଖଳ

ନିଶ ଦାଢି ରଖିବା ସଉକ ଅନେକ ପୁରୁଷଙ୍କର ଥାଏ। ତେବେ ଜାଣନ୍ତି କି ଏହି ନିଶ ଦାଢିକୁ ନେଇ ଆମେରିକାରେ ପ୍ରତିବର୍ଷ ଏକ ପ୍ରତିଯୋଗିତା ବି ଆୟୋଜନ କରାଯାଇଥାଏ। ୨୦୨୨ ନ୍ୟାଶନାଲ ବିୟର୍ଡ ଆଣ୍ଡ ମୁଷ୍ଟାଚ୍ ଚାମ୍ପିୟନଶିପ୍ ଆମେରିକାର ୱୋମିଙ୍ଗରେ ଆୟୋଜିତ ହୋଇଥିଲା। ଏଥିରେ ପ୍ରତିଯୋଗୀମାନେ ନିଜ ନିଜର ଲମ୍ବା ନିଶ ଦାଢିକୁ ତ ପ୍ରଦର୍ଶିତ କରିଥିଲେ। ତା’ସହ ସେମାନେ ନିଜର ନିଶଦାଢିକୁ ଅନ୍ୟ ପ୍ରତିଯୋଗୀର ନିଶଦାଢି ସହ ଯୋଡି ଏକ ଲମ୍ବା ଶୃଙ୍ଖଳ ତିଆରି କରିଥିଲେ। ଉକ୍ତ ଶୃଙ୍ଖଳର ଲମ୍ବ ୧୫୦ମିଟର ହୋଇଥିଲା। ଫଳରେ ସେମାନେ ସବୁଠାରୁ ଲମ୍ବା ନିଶଦାଢିର ଶୃଙ୍ଖଳ କରିବାର ରେକର୍ଡ ସୃଷ୍ଟି କରିଥିଲେ। ୨୦୦୭ରେ ଉକ୍ତ ରେକର୍ଡ ୧୯.୦୫ ମିଟର ଥିଲା।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଧର୍ମର କି ପରିଭାଷା ତୁମେ ଜାଣିଛ ଭୀଷ୍ମ

ଉତ୍ତର ଦିଅ । ଯଥାଶୀଘ୍ର ମୋ ପ୍ରଶ୍ନର ଉତ୍ତର ଦିଅ ମହାମହିମ– ମହାଭାରତ ଯୁଦ୍ଧର ନବମ ଦିନରେ କ୍ରୁଦ୍ଧ କୃଷ୍ଣ ନିଜ ହାତରେ ରଥ ଚକଟିଏ ଧରି ଭୀଷ୍ମଙ୍କୁ ବଧ କରିବା ଉଦ୍ଦେଶ୍ୟରେ ଧାବମାନ ହେଉଥିବା ବେଳେ ସେ ଏ ପ୍ରଶ୍ନଟି ପଚାରିଥିଲେ ପିତାମହ ଭୀଷ୍ମଙ୍କୁ ।

ହେଲେ ପିତାମହଙ୍କୁ ଏ ପ୍ରଶ୍ନ କାହିଁକି ?

ଆଜନ୍ମରୁ ଭୀଷ୍ମଙ୍କ ମଗଜରେ ଧର୍ମର ସ୍ୱରୂପକୁ ନେଇ ଯେଉଁ ଧାରଣା ଥିଲା ଏବଂ ଯାହାକୁ ନେଇ ସେ ନିଜେ ଧର୍ମବାଟରେ ଅଛନ୍ତି ବୋଲି ମିଥ୍ୟା ଆଶ୍ୱସ୍ତିରେ ବାଟ ଚାଲୁଥିଲେ, ତାହା ଯେ ସମ୍ପୂର୍ଣ୍ଣ ଭୁଲ୍ ଥିଲା, ଯୁଦ୍ଧକ୍ଷେତ୍ରରେ ସେଦିନ ଭୀଷ୍ମ ଉପଲବ୍ଧି କରିପାରିଥିଲେ । ଅବଶ୍ୟ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା । ଧର୍ମର ମର୍ମକୁ ବୁଝୁ ବୁଝୁ ସେ ଜୀବନର ସାୟାହ୍ନରେ ପହଞ୍ଚି ଯାଇଥିଲେ । ନିଜ ଚେତନାରେ ଧର୍ମର ଏକ ସ୍ୱଷ୍ଟ ରୂପ ନ ଥିବା ଯୋଗୁ ଯେ କେବଳ ଭୀଷ୍ମଙ୍କ ସମଗ୍ର ଜୀବନ ମୂଲ୍ୟହୀନ ହୋଇଗଲା ତା ନୁହେଁ, ବରଂ ସେଇ ଭ୍ରାନ୍ତ ଧାରଣା ହିଁ ମହାଭାରତ ପରି ଏକ ଅବାଞ୍ଛିତ ଯୁଦ୍ଧକୁ ଆମନ୍ତ୍ରଣ କରିଥିଲା ସେଦିନ ।

ଇଚ୍ଛାମୃତ୍ୟୁଧାରୀ ଏଇ ମହାନ୍ ଯୋଦ୍ଧାଙ୍କ ବାହୁବଳର ଆଢୁଆଳରେ ରହି ଗଢ଼ିଉଠିଥିଲା ଅହଂକାର, ଅନ୍ୟାୟ ଆଉ ଅନୀତିର ଏକ ମହାନ୍ ଦୁର୍ଗ, ଯାହାର ମୁଖ୍ୟ ସ୍ଥପତି ଥିଲେ ମାନୀ ଦୁର୍ଯ୍ୟୋଧନ, ଶଠ ଶକୁନୀ ଆଉ କର୍ଣ୍ଣଙ୍କ ପରି ବିଧର୍ମୀ (!)ମାନେ । ଧର୍ମର ରାସ୍ତାରେ ଚାଲିବା ପାଇଁ ଅନେକବାର ପିତାମହଙ୍କୁ ଇଙ୍ଗିତ ଦେଇଛନ୍ତି ଭଗବାନ ଶ୍ରୀକୃଷ୍ଣ । କିନ୍ତୁ ସେ ବୁଝିନାହାନ୍ତି । ଓଲଟି କୌରବ ପକ୍ଷର ସେନାପତି ସାଜି ଯୁଦ୍ଧ କରିଛନ୍ତି ଧର୍ମପଥର ପଥିକ ଥିବା ପାଣ୍ଡବମାନଙ୍କ ସହିତ ।

ମହାଭାରତ ଯୁଦ୍ଧର ନବମ ଦିନ ପର୍ଯ୍ୟନ୍ତ ଯୁଦ୍ଧକ୍ଷେତ୍ରରେ ଭୀଷ୍ମଙ୍କ ପ୍ରବଳ ପରାକ୍ରମରେ ପ୍ରମାଦ ଗଣିଲେ ପାଣ୍ଡବଗଣ । ପିତାମହଙ୍କ ହାତରେ ଶସ୍ତ୍ର ଥିବା ପର୍ଯ୍ୟନ୍ତ ସେ ଯେ ସମ୍ପୂର୍ଣ୍ଣ ଅପରାଜେୟ – ଏ ସିଦ୍ଧାନ୍ତରେ ସେମାନେ ପହଞ୍ଚି ଯାଇଥିଲେ ସେଦିନ । ସତରେ, ମିଥ୍ୟା–ଧର୍ମର ଢାଲ ସାଜି ଅଧର୍ମକୁ ସୁରକ୍ଷା ପ୍ରଦାନ କରୁଥିବା ଭୀଷ୍ମଙ୍କୁ ଏବେ ରୋକା ନ ଗଲେ ଧର୍ମ ପ୍ରତିଷ୍ଠାର ଲକ୍ଷ୍ୟ ସାଧିତ ହେବ ନାହିଁ ବୋଲି ମନେକରି ଅଣ୍ଟାଭିଡ଼ିଲେ ଚକ୍ରି । ସାରଥି ଶ୍ରୀକୃଷ୍ଣଙ୍କ ପ୍ରଥମ ପ୍ରଶ୍ନ ଥିଲା – ଅଧର୍ମ ଶିକୁଳିରୁ ବାହାରି ଆସି ଧର୍ମର ପଞ୍ଜୁରିରେ ପ୍ରବେଶ କରିଯାଅ ପିତାମହ । ଏବେ ବି ସମୟ ଅଛି ।

ଆଜି ପର୍ଯ୍ୟନ୍ତ ଜୀବନର ଛତ୍ରେ ଛତ୍ରେ ମୁଁ ମୋ ପୂର୍ବଜଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳି ଧର୍ମର ରାସ୍ତାରେ ଚାଲିଆସିଛି । ମୁଁ ମୋ ଧର୍ମର ଶିକୁଳିରେ ବନ୍ଧା କୃଷ୍ଣ । ମୁଁ ଏଥିରୁ ହଟିପାରିବି ନାହିଁ । – ସଗର୍ବେ ଉତ୍ତର ଦେଲେ ଭୀଷ୍ମ ।



ଧର୍ମ କେବେ କାହା ପାଇଁ ବନ୍ଧନ ସାଜେନାହିଁ ପିତାମହ । ନିଜ ବ୍ୟକ୍ତିଗତ ଧର୍ମ ପାଳନ ଯେତେବେଳେ ସମାଜର ମହା ଅନିଷ୍ଟ ସାଧନ କରିବାର କାରଣ ସାଜି ଥାଏ, ସେତେବେଳେ ନିଜ ଧର୍ମରୁ ବିଚ୍ୟୁତ ହେବାକୁ ଶାସ୍ତ୍ର କେବେ ବି 'ଅଧର୍ମ ' ଆଖ୍ୟା ପ୍ରଦାନ କରେନାହିଁ । ହସ୍ତିନା ସିଂହାସନର ସୁରକ୍ଷା ଏବଂ ସେଥିରେ ଆସୀନ ରାଜାଙ୍କ ସେବକ ବା ଦାସ ହୋଇ ରହିବାର ଅର୍ଥ ଏଇୟା ନୁହେଁ ଯେ ଭାରି ସଭାରେ ଦ୍ରୌପଦୀ ବିବସନା ବେଳେ ମୁହଁକୁ ତଳକୁ କରି ନୀରବଦ୍ରଷ୍ଟା ସାଜିବା – ଦୁଷ୍ଟ ଦୁର୍ଯ୍ୟୋଧନର ଯାବତୀୟ କୁକାର୍ଯ୍ୟକୁ ପ୍ରବଳ ପ୍ରତିହତ ନ କରିବା – ଅନ୍ଧ ରାଜାର ଅନ୍ୟାୟ ଆଦେଶକୁ ଦାସ ପଣେ ମାନ୍ୟ କରିବା । ଏତେଗୁଡ଼ିଏ ଅଧର୍ମ ଭିତରେ ରହି ତୁମେ ପ୍ରାଣତ୍ୟାଗ ନ କରି ଓଲଟି ନିଜ ପୌତ୍ରମାନଙ୍କ ସହ ଯୁଦ୍ଧ କରିବା ପାଇଁ ଆଗେଇ ଆସିଛ ? ଧିକାର ତୁମକୁ । ହେଲେ ଆଉ ନୁହେଁ ହେ ପିତାମହ ! ତୁମକୁ କେହି ବଧ ନ କରିପାରିଲେ ବି ମୁଁ ଆଜି ତୁମକୁ ବଧ କରିଦେବି । ଆପଣ ଭାବୁଛନ୍ତି କି ମୁଁ ଦେବକୀ ନନ୍ଦନ କୃଷ୍ଣ ବୋଲି ? ନା, ମୁଁ କାହାର ପୁତ୍ର ନା କାହାର ପିତା, ମିତ୍ର ଅବା ବନ୍ଧୁ ନୁହେଁ । ମୁଁ ହିଁ ଈଶ୍ୱର । ତୁମକୁ ବଧ କରିବା ମୋ ପାଇଁ କିଛି ଅସମ୍ଭବ ନୁହେଁ । ମୁଁ ପଣ କରିଥିଲି ଯୁଦ୍ଧରେ ଶସ୍ତ୍ର ନ ଧରିବା ପାଇଁ । କିନ୍ତୁ ଆଜି ଦେଖୁଛି ଧର୍ମ ସ୍ଥାପନା ଦିଗରେ ତୁମର ଉପସ୍ଥିତି ହିଁ ପ୍ରଧାନ ପ୍ରତିବନ୍ଧକ । ତୁମକୁ ଆଜି ମୁଁ ଏହିକ୍ଷଣି ବଧ କରିଦେବି କହି ଭୀଷ୍ମଙ୍କ ଆଡ଼କୁ ରଥର ଏକ ଚକକୁ ଚକ୍ର ରୂପେ ଧରି ପ୍ରଚଣ୍ଡ କ୍ରୋଧରେ ଧାବମାନ ହେବା ବେଳେ ଭୀଷ୍ମ ଧର୍ମର ମହାଶିକ୍ଷା ପାଇଗଲେ । ଦୁଇ ହାତ ଯୋଡ଼ି ସମର୍ପିତ ହୋଇଗଲେ ପ୍ରଭୁଙ୍କ ପାଖେ । ଏତେଦିନ ପରେ ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ମାନିଲେ । ଧର୍ମ ପାଳନକୁ ନେଇ ନିଜ ମନ ଭିତରେ ଥିବା ଭ୍ରାନ୍ତି ନିମିଷକ ଭିତରେ କୁଆଡ଼େ ଉଭେଇଗଲା । ଯୁଦ୍ଧରେ ଶସ୍ତ୍ର ନ ଧରିବାକୁ କଥା ଦେଇଥିବା ଭଗବାନ ଆଜି ଯେତେବେଳେ ଧର୍ମ ସ୍ଥାପନା ପାଇଁ ନିଜ ପ୍ରତିଜ୍ଞାକୁ ଭଙ୍ଗ କରିପାରୁଛନ୍ତି, ସେତେବେଳେ ଧର୍ମ ପାଳନର ଭ୍ରାନ୍ତି ଭିତରେ ଏବଂ ''ଅଟଳ ଭୀଷ୍ମ ପ୍ରତିଜ୍ଞା'' ରୂପକ ମୋହାଭିମାନ ଭିତରେ ରହି ମୁଁ ସମାଜର ଯଥେଷ୍ଟ କ୍ଷତି ସାଧନ କରିସାରିଲିଣି । ମୋର ମୃତ୍ୟୁ ହେବା ଦରକାର ପ୍ରଭୁ । ଏ ଅଧର୍ମର ପ୍ରାୟଶ୍ଚିତ ସ୍ୱରୂପ ପୌତ୍ର ପାଣ୍ଡବଙ୍କ ହସ୍ତରେ ବଧ ହେଉ ବୋଲି ମୁଁ ଚାହୁଁଛି ।

କିନ୍ତୁ ଏତିକିବେଳେ ପଛରୁ ଅର୍ଜୁନ ଆସି ଶ୍ରୀକୃଷ୍ଣଙ୍କ ପଦକୁ ଜାବୁଡ଼ି ଧରି ପ୍ରାର୍ଥନା କଲେ – ହେ ସଖା ! ପିତାମହଙ୍କୁ ବଧ କରିବାକୁ ମୋତେ ଏବେ ଶେଷ ସୁଯୋଗ ଟିକକ ଦିଅନ୍ତୁ । ମୁଁ ଆଉ କୌଣସି ମୋହରେ ଭାସି ନ ଯାଇ ପୂର୍ବାପେକ୍ଷା ଅଧିକ ମନଯୋଗ ଦେଇ ଯୁଦ୍ଧ କରିବି ।

ବାସ୍, ନିଜ ଲକ୍ଷ୍ୟ ପୂରଣ ହୋଇଗଲା ବୋଲି ଜାଣି ପ୍ରଭୁ ମନେମନେ ଅବଶ୍ୟ ଖୁସି ହେଲେ । ଗୋଟିଏ ଗୁଳିରେ ଦୁଇଟି ଶିକାର ହୋଇଗଲା । ଏକ –ଭୀଷ୍ମଙ୍କୁ ଧର୍ମ ପାଳନ କରିବାରର ପ୍ରକୃତ ତରିକା ଜ୍ଞାତ ହୋଇଗଲା । ଦୁଇ –ଅର୍ଜୁନଙ୍କୁ ନିଜ କର୍ତ୍ତବ୍ୟ ପାଳନ ବାବଦରେ ଆଉ ଟିକେ ସ୍ମରଣ କରାଯାଇପାରିଲା ।

ପାଠକେ ! ଏ ପ୍ରସଙ୍ଗଟିକୁ ଆଜି ଆପଣମାନଙ୍କ ଆଗରେ କହିବାର ଲକ୍ଷ୍ୟ ହେଉଛି ଗୋଟିଏ– ଆମମାନଙ୍କ ଭିତରେ ଅନେକେ ଅଛନ୍ତି, ଯେଉଁମାନେ ବେଳେବେଳେ କହନ୍ତି 'ମୁଁ ଆଜି ପର୍ଯ୍ୟନ୍ତ କିଛି ଅଧର୍ମ ବା ଅନ୍ୟାୟ କରିନି । ସବୁବେଳେ ଧର୍ମକାମ କରିଆସିଛି' ବୋଲି । କେବଳ ସେଇମାନଙ୍କ ପାଇଁ ଏ ପ୍ରସଙ୍ଗଟି । ସେଦିନ ରାଜସଭାରେ ଭଗବାନଙ୍କ ବିରାଟ ରୂପକୁ ସନ୍ଦର୍ଶନ କରିପାରିବାର ଯୋଗ୍ୟତା ହାସଲ କରିଥିବା ଦିବ୍ୟମାତା ଗଙ୍ଗାଙ୍କ ପୁତ୍ର ଭୀଷ୍ମଙ୍କ ପରି ମହାତ୍ମା ଯେତେବେଳେ ପରିଣତ ବୟସ ପର୍ଯ୍ୟନ୍ତ ବି ଧର୍ମର ମର୍ମ ବୁଝିବାରେ ଅସମର୍ଥ ଥିଲେ, ଆମେ ଅବା କୋଉ ଗାଈର ଗୋବର ଯେ ? ପ୍ରକୃତ ଧର୍ମକୁ ଜାଣିବାକୁ ହେଲେ ଶ୍ରୀକୃଷ୍ଣଙ୍କ ପରି ଜଣେ ମହାଜନ ଦରକାର । ସେଥିପାଇଁ ଶାସ୍ତ୍ର କହିଲେ –ମହାଜନ ଯେନ ଗତଃ ସଃ ପନ୍ଥା । ସେଇ ପଥ ହିଁ ହେଉଛି ଧର୍ମ ପାଳନର ଅସଲ ମାର୍ଗ ।

*–ଦିବ୍ୟାଲୋକ ସଂଧାନେ, ରାମ ନଗର, ତେଲେଙ୍ଗାପେଣ୍ଠ, କଟକ*


*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ଦରଜି

ପ୍ରଦ୍ୟୁମ୍ନ ପଟ୍ଟନାୟକ
ପ୍ରକାଶକ–ବନଫୁଲ, ଭୁବନେଶ୍ୱର
ମୂଲ୍ୟ–୧୩୦ଟଙ୍କା

'ଦରଜି' ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଉପନ୍ୟାସ । ପୁସ୍ତକଟି କୃଷି ଓ ଗ୍ରାମୀଣ ଜୀବନ ଉପରେ ଆଧାରିତ। କୃଷି କାର୍ଯ୍ୟକରି ଚାଷୀର ମେରୁଦଣ୍ଡ ଭାଙ୍ଗିଯାଉଥିବା ବେଳେ ବନ୍ୟା, ବାତ୍ୟା ଓ ମରୁଡି କିଭଳି ଚାଷୀକୁ




ପଛକୁ ଟାଣି ଦେଉଛି। ପେଟ ଚାଖଣ୍ଡକ ଲାଗି ମଣିଷ ରାତି ଦିନ ଖଟୁଛି। ତାହା ଏଠାରେ ବର୍ଣ୍ଣିତ। ଇଚ୍ଛା, ଅନିଚ୍ଛା, ନୀତି, ଅନୀତି, ପାପପୁଣ୍ୟର ଦ୍ୱନ୍ଦ୍ୱ ମଧ୍ୟରେ ଗତି କରୁକରୁ କାହାର ପାଦ ଖସିଯାଏ ତ କାହା ପାଦତଳ ମାଟି ଧସିଯାଏ । ଗ୍ରାମ୍ୟ ଜୀବନର ଘଟଣାବଳୀ ସହ ପରିଶ୍ରମୀ ମଣିଷର କଷ୍ଟକୁ ଉପନ୍ୟାସ ମାଧ୍ୟମରେ ଲେଖକ ପ୍ରକାଶ କରିଛନ୍ତି ।

### ଗଳ୍ପ ପରିଭାଷା: ସେନାପତିଙ୍କ ପ୍ରମୁଖ ଗଳ୍ପ

ଡକ୍ଟର ନୃସିଂହ ଷଡ଼ଙ୍ଗୀ
ପ୍ରକାଶକ: କାବ୍ୟଲୋକ, ଗ୍ୟାରେଜ ଛକ
ଭୁବନେଶ୍ୱର–୨, ମୂଲ୍ୟ–୨୦୦ଟଙ୍କା

'ଗଳ୍ପ ପରିଭାଷା: ସେନାପତିଙ୍କ ପ୍ରମୁଖ ଗଳ୍ପ' ଡକ୍ଟର ନୃସିଂହ ଷଡ଼ଙ୍ଗୀଙ୍କ ସମୀକ୍ଷା ପୁସ୍ତକ । ଏଥିରେ ଫକୀର ମୋହନ ସେନାପତିଙ୍କ ଗଳ୍ପଗୁଡିକ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଛି । ଫକୀର ମୋହନଙ୍କ ଗଳ୍ପ ଲେଖା ଓଡ଼ିଆ କଥା ସାହିତ୍ୟରେ ଏକ ନୂତନଯୁଗର ଅଭ୍ୟୁଦୟ କରିଥିଲା ।




ରେବତୀ ଏବେବି ଆମ ସମାଜରେ ଦୃଶ୍ୟମାନ। 'ରାଣ୍ଡିପୁଅ ଅନନ୍ତା'ର ଦୁର୍ବାର ଯାତ୍ରା ଏବେବି ଆମ ସମୟରେ ଉପଲବ୍ଧ। ଡାକମୁନ୍‌ସୀର ଗୋପାଳ ପରି ପୁଅମାନେ ଏବେ ବି ସମାଜରେ ମାଳମାଳ । ପେଟେଣ୍ଟ ମେଡିସିନ୍‌ର ଚନ୍ଦ୍ରମଣି ଘରେ ଘରେ ବିଦ୍ୟମାନ। 'ଅଧର୍ମ ବିତ୍ତ' ଯୋଗାଡରେ ଏବେବି ଲୋକେ ବ୍ୟସ୍ତ ବିବ୍ରତ। ସେହିପରି 'ଧୂଳିଆ ବାବା'ମାନେ ଦିଲ୍ଲୀରୁ ପଲ୍ଲୀଯାଏ ଶୋଷଣ କରିବାକୁ ବ୍ୟସ୍ତ। ପୁସ୍ତକଟିରେ ଏସବୁକୁ ନେଇ ଉଚ୍ଚ କୋଟିର ଆଲୋଚନା କରାଯାଇଛି ।

### ପ୍ରୀତି ଭକ୍ତିମୟୀ ଶ୍ରୀରାଧା

ପ୍ରଫେସର ଡ. ଧ୍ରୁବ ଚରଣ ନାୟକ
ପ୍ରକାଶକ– ଇଂ ପ୍ରୟବ୍ରତ ନାୟକ
ରତ୍ନାକର ବାଗ, ଟଙ୍କପାଣି ରୋଡ
ଭୁବନେଶ୍ୱର –୧୮, ମୂଲ୍ୟ–୩୫୦ଟଙ୍କା

'ପ୍ରୀତି ଭକ୍ତିମୟୀ ଶ୍ରୀରାଧା' ପ୍ରଫେସର ଡ. ଧ୍ରୁବ ଚରଣ ନାୟକଙ୍କ ଆଲୋଚନା ପୁସ୍ତକ । ୩୨୮ ପୃଷ୍ଠା ବିଶିଷ୍ଟ ଗ୍ରନ୍ଥଟି ଉପକ୍ରମଣିକା ସହ ପ୍ରାୟ ୧୧୫ ଗୋଟି ଉପବିଭାଗ ପରମବ୍ରହ୍ମ ଶ୍ରୀକୃଷ୍ଣ ଓ ପରମ ଭାବମୟୀ ଶକ୍ତିରୂପିଣୀ ଶ୍ରୀରାଧାଙ୍କ ପ୍ରେମ କାହାଣୀ ଉପରେ ଆଧାରିତ। ବୈଷ୍ଣବ ଶାସ୍ତ୍ର ଦୃଷ୍ଟିରେ ଶୀରାଧା ଏକ ଲକ୍ଷଣୀୟ ଚରିତ୍ର। ଆକର୍ଷଣର ପ୍ରାଣବିନ୍ଦୁ



ଶ୍ରୀକୃଷ୍ଣ ହୋଇଥିବା ବେଳେ ଆରାଧନାମୟୀ ଶ୍ରୀରାଧା ହେଉଛନ୍ତି ସେହି ଆବେଗର ଭାବମୟୀ ପ୍ରତିମା। ବିନା ଶ୍ରୀରାଧାରେ ଶ୍ରୀକୃଷ୍ଣଙ୍କ ଜୀବନ ଓ ପ୍ରଣୟ କଥାରେ ଏତେ ମାଧୁର୍ଯ୍ୟ ଆସିପାରି ନ ଥାନ୍ତା। ରାଧାକୃଷ୍ଣଙ୍କର ସେହି ଶାଶ୍ୱତ ପ୍ରେମରେ ଏବେବି ଆଚ୍ଛନ୍ନ ସମସ୍ତେ। ସେହି ପ୍ରେମର ମାଧୁର୍ଯ୍ୟରେ ବିଭୋର ବୈଷ୍ଣବ କବି ବିଶ୍ୱକୁ ଦେଇଛି ତାର କଳ୍ପନା ଶକ୍ତିର ମାଧୁର୍ଯ୍ୟମୟ ଅଭିବ୍ୟକ୍ତି ।

# ୩ ବର୍ଷର ବାଳକ ଚଳାଉଛି ସୁପର୍ କାର୍

ବୟସ ମାତ୍ର ୩ ବର୍ଷ। ଯେଉଁ ବୟସରେ ସେ ନିଜ କୁନି କୁନି ହାତରେ ଖେଳଣା କାର୍ ଚଳାଇବା କଥା, ସେଇ ବୟସରେ ସେ ଚଳାଉଛି ସୁପର୍ କାର୍ । ଜ୍ୟୋନ୍ ସୋଫୁଓଗ୍ଲୁ ନାମକ ଏହି ବାଳକଟି ଏକ ବିସ୍ମୟଠୁ କମ୍ ନୁହେଁ। କାର୍ ସିଟ୍‌ରେ ବସି ଷ୍ଟିୟରିଂ ହ୍ୱିଲ୍ ଧରିଲେ ୱିଣ୍ଡସିଲ୍ଡ ଦେଇ ବାହାରକୁ ଦେଖିପାରେନା ଜ୍ୟୋନ୍। ଗୋଡ କ୍ଲଚ୍, ବ୍ରେକ ପାଖକୁ ବି ପହଞ୍ଚେନା। ତଥାପି ବାପାଙ୍କ ସୁପର୍ କାର୍ ଫରାରୀ ଏସ୍‌ଏଫ୍ ୯୦କୁ ପେସାଦାର କାର୍ ଚାଳକ ଭାବେ ବେଶ୍ ଆରାମରେ ଗ୍ୟାରେଜ୍‌ରୁ ବାହାର କରିପାରେ। ଏହି କାମକୁ ଜ୍ୟୋନ୍ କାର୍‌ରେ ଲାଗିଥିବା ଗୋପ୍ରୋ କ୍ୟାମେରା, ଯାହାକି କାର୍ ଭିତରେ ଥିବା ଟାବଲେଟ୍ ସହ ଲିଙ୍କ୍ ଥାଏ ତା’ ସାହାଯ୍ୟରେ କରିପାରୁଛି। ସୁପର୍



କାର୍ ଚଳାଇବାକୁ ଯେଉଁଠି ବୟସ୍କ ଗାଡି ଚାଳକ ଡରି ଯାଆନ୍ତି, ସେଠି କୁନି ଜ୍ୟୋନ୍ ବେଶ ସହଜରେ କରି ଦେଇପାରୁଛି। ତେବେ ଏହି କାମକୁ ସହଜରେ କରିପାରିବା ପଛରେ ତାଙ୍କ ବାପା କେନାନ ସୋଫୁଓଗ୍ଲୁଙ୍କ ହାତ ଅଛି। କେନାନ ହେଉଛନ୍ତି ତୁର୍କର ମୋଟର ସାଇକେଲ ଓ ସୁପର୍ କାର୍ ରେସର୍। ତାଙ୍କ ନାମରେ ପାଞ୍ଚୋଟି ସୁପରସ୍ପୋର୍ଟସ୍ ୱାର୍ଲଡ ଚାମ୍ପିୟନ ଟାଇଟଲ୍ ଥିବାର ରେକର୍ଡ ଅଛି। ତାଙ୍କର ପୁଅଭାବେ ଜ୍ୟୋନ୍ ଛୋଟବେଳୁ ସ୍ପୋର୍ଟସ୍ କାର୍ ଦେଖିଛି। ଆଉ ଜ୍ୟୋନ୍‌ଙ୍କୁ ତାଙ୍କ ବାପା କେନାନ ବାଇକ୍ ସହ ସ୍ପୋର୍ଟସ୍ କାର୍ ଚଳାଇବା ବି ଶିଖାଇଛନ୍ତି। ତେବେ ଏତେ ଛୋଟ ପିଲାକୁ ସ୍ପୋର୍ଟସ୍ କାର୍ ଓ ବାଇକ ଚଳାଇବାକୁ ଦେଉଥିବାରୁ ଅନେକେ ତାଙ୍କୁ ନିନ୍ଦା କରନ୍ତି। ହେଲେ କେନାନ କୁହନ୍ତି, ‘ମୋ ପୁଅ ଗାଡି ଚଳାଇବାବେଳେ ମୁଁ ସବୁବେଳେ ପାଖରେ ଥାଏ, ସବୁ ସତର୍କତା ଅବଲମ୍ବନ କରେ। ଯେମିତିକି ତା’ର କିଛି କ୍ଷତି ହେବନି।’

ବ୍ୟାକ୍ ପେଜ



# ପିନ୍ଧି ହେଉଥିବା ବିନ୍‌ବ୍ୟାଗ୍

ବେଶ୍ ଆରାମ୍‌ଦାୟକ ହୋଇଥାଏ ବିନ୍ ବ୍ୟାଗ୍। ଏହାକୁ ଦଣ୍ଡେ ଛାଡିବାକୁ ବି ଇଛା ହୋଇ ନ ଥାଏ ଅନେକଙ୍କର। ହେଲେ ସବୁ ସମୟରେ ଓ ସବୁ ଜାଗାକୁ ଏହାକୁ ନେଇ ହୁଏ ନାହିଁ। ଲୋକଙ୍କର ଏହାପ୍ରତି ଥିବା ଭଲ ପାଇବାକୁ ନଜରରେ ରଖି ଜାପାନର ତାକିକୋଉ ନାମକ ଗାରମେଣ୍ଟ କମ୍ପାନୀ ତିଆରି କରିଛି ଏକ ସ୍ୱତନ୍ତ୍ର ଧରଣର ବିନ୍‌ବ୍ୟାଗ୍, ଯାହାକୁ ପୋଷାକ ଭଳି ପିନ୍ଧି ହେବ। ଏହାକୁ ପିନ୍ଧିବା ପରେ ଚାହିଁଲେ ଯେକୌଣସି ସ୍ଥାନରେ ଆରାମରେ ବସି ପାରିବେ, ଏମିତିକି ଶୋଇ ବି ପାରିବେ। ଆଉ ଛୋଟ ପିଲାଙ୍କୁ ପିନ୍ଧାଇ ଦେଲେ ତ ଆରାମରେ ଯେକୌଣସି ସ୍ଥାନରେ ବସିପାରିବେ,ଶୋଇପାରିବେ। ଏମିତିକି ସେମାନେ ପଡିଗଲେ ବି ଶରୀରରେ ଆଘାତ ଲାଗିବାର ଭୟ ରହିବନି। ଉକ୍ତ ବିନ୍‌ବ୍ୟାଗ ଜାପାନରେ ତିନୋଟି ସାଇଜ୍‌ରେ ଓ ବିଭିନ୍ନ ରଙ୍ଗରେ ଉପଲବ୍ଧ ହେଉଛି। ଏହାକୁ ପିନ୍ଧିବା ଓ ସେଥିରୁ ବାହାରିବା ବହୁତ ସହଜ। ତେବେ ବଡ଼ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବିନ୍ ବ୍ୟାଗ୍‌ର ଓଜନ ୫ କି.ଗ୍ରା.। ଓଜନ ଅଧିକ ହୋଇଥିବାରୁ ଟିକେ ଅସୁବିଧା ହୋଇପାରେ।



# କୁକୁର କଲେ କୋଙ୍ଗା ନୃତ୍ୟ

କୋଙ୍ଗା ଏକ ଲାଟିନ ଆମେରିକୀୟ ନୃତ୍ୟ। ଯେଉଁଥିରେ ଏକାଧିକ ବ୍ୟକ୍ତି ପ୍ରତ୍ୟେକଙ୍କ ପଛଭାଗକୁ ଧରି ଏକ ଲମ୍ବା ଲାଇନ୍ କରି ନୃତ୍ୟ କରନ୍ତି। ହେଲେ ଜର୍ମାନୀର ଓଲ୍ଫଗେଙ୍ଗ ଲାଉନବର୍ଗର ନାମକ ଜଣେ ବ୍ୟକ୍ତି ନିଜର ୧୪ଟି କୁକୁରକୁ କୋଙ୍ଗା ନୃତ୍ୟ ଶିଖାଇଛନ୍ତି। କେବଳ ସେତିକି ନୁହେଁ ଏହି କୁକୁରମାନେ ଉକ୍ତ ନୃତ୍ୟ କରି ଗିନିଜ ୱାର୍ଲଡ ରେକର୍ଡରେ ସ୍ଥାନ ମଧ୍ୟ ପାଇଛନ୍ତି। ଲାଉନ୍‌ବର୍ଗର ତାଙ୍କ ୧୪ଟି କୁକୁର ଏମା, ଫିଲୋ, ଫିନ୍, ସାଇମନ, ସୁସି, ମାୟା, ଉଲ୍ଫ, ସ୍ନେକ, ବିବି, କେଟି, ଜେନିଫର, ଏଲ୍‌ଭିସ୍, ଚାର୍ଲି, ଓ କେଥିକୁ ପଛକୁ ପଛ ଧରି ଠିଆ ହେବାର ତାଲିମ ଦେଇଥିଲେ। ପରେ ୨୦୨୦ରେ ସେ ନିଜ କୁକୁରଗୁଡିକୁ କୋଙ୍ଗା ଲାଇନ୍‌ରେ ଠିଆ କରାଇ ନୃତ୍ୟ କରାଇ ରେକର୍ଡ କରାଇବାରେ ସଫଳ ହେଲେ। ଏହାର ଭିଡିଓ ଯେତେବେଳେ ସୋସିଆଲ ମିଡିଆରେ ପୋଷ୍ଟ କରାଗଲା କୁକୁରମାନଙ୍କର ଏଭଳି ନୃତ୍ୟକୁ ଲୋକେ ବେଶ୍ ପସନ୍ଦ କରିଥିଲେ।



